୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

Vol.27. No.95 Bhubaneswar Thursday May 22 2025 | ୨୭ତମ ବର୍ଷ ସଂଖ୍ୟା-୯୫ ଭୁବନେଶ୍ୱର, ଗୁରୁବାର, ମଇ ୨୨, ୨୦୨୫ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹ 1.50 | (Air Surcharge - 0.50P) | Member-INS

# ରାଜ୍ୟସ୍ତରୀୟ ରାଜୀବ ଗାନ୍ଧୀ ପ୍ରତିଭା ପୁରସ୍କାର ଉତ୍ସବ ପାଳିତ

## ଦେଶକୁ ସମର୍ଥ ଓ ବିଶ୍ୱଶକ୍ତିରେ ପରିଣତ କରିବା ରାଜୀବଙ୍କ ସ୍ୱପ୍ନଥିଲା: ଭକ୍ତ ଚରଣ ଦାସ






ଭୁବନେଶ୍ୱର,୨୧।୫(ପି.ଏନ): ଓଡିଶା ରାଜୀବ ଗାନ୍ଧୀ ଛାତ୍ର ଫୋରମ ଓ ରାଜୀବ ଗାନ୍ଧୀ ଷ୍ଟଡି ସର୍କଲର ମିଳିତ ଆନୁକୁଲ୍ୟରେ ଭୁବନେଶ୍ୱର ସ୍ଥିତ ଜୟଦେବ ଭବନରେ ରାଜ୍ୟ ସଭାପତି ସତ୍ୟବ୍ରତ ନାୟକଙ୍କ ଅଧ୍ୟକ୍ଷତାରେ ଭାରତରତ୍ନ ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ୩୪ତମ ମହାପରାୟଣ ଦିବସ ପାଳିତ ହୋଇଯାଇଛି । ଓଡିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ଭକ୍ତ ଚରଣ ଦାସ ମୁଖ୍ୟ ଅତିଥିଭାବେ ଯୋଗଦାନ କରି ସଭାକୁ ପ୍ରଦ୍ୱୀପ ପ୍ରଜ୍ୱୋଳନ କରି ଉତ୍ସବକୁ ଉଦ୍‌ଘାଟନ କରିବା ସହିତ ତାଙ୍କ ବକ୍ତବ୍ୟରେ ଦେଶର ଶିକ୍ଷା, ସ୍ୱାସ୍ଥ୍ୟ, ବିଜ୍ଞାନ, ପଂଚାୟତିରାଜ ବ୍ୟବସ୍ଥାର ପ୍ରଗତି କ୍ଷେତ୍ରରେ ରାଜୀବ ଗାନ୍ଧୀଙ୍କର ଅବଦାନ ଅତୁଳନୀୟ ଯାହା ସେ ତାଙ୍କ ସମଗ୍ର ବିଶ୍ୱରେ ଭାରତକୁ ଏକ ଅଗ୍ରଣୀ ମହାଶକ୍ତି ଭାବେ ପରିଗଣିତ କରିବା ପାଇଁ ଭାରତ ରତ୍ନ ରାଜୀବ ଗାନ୍ଧୀ ସ୍ୱପ୍ନ ଦେଖିଥିଲେ ଓ କେତେଗୁଡିଏ ପଦକ୍ଷେପ ନେଇଥିଲେ ଯାହା ଆଜି ଧିରେ ଧିରେ ସଫଳ ରୂପ ନେଉଅଛି ବୋଲି ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ ମତବ୍ୟକ୍ତ କରିଥିଲେ ଓ ଯୁବ ଓ ଛାତ୍ର ଗୋଷ୍ଠିକୁ ଦେଶର ଭବିଷ୍ୟତ ରୂପେ ଚିତ୍ରଣ କରିବା ସହିତ ମହାତ୍ମାଗାନ୍ଧୀଙ୍କ ଜୀବନାଦର୍ଶରେ ଅନୁପ୍ରାଣିତ ହେବା ପାଇଁ ସଭାରେ ସଂଗୀତ ମାଧ୍ୟମରେ ଶ୍ରୀ ଦାସ ଏହି ଉତ୍ସବରେ ଛାତ୍ରଛାତ୍ରୀଙ୍କୁ ଦେଶ ପ୍ରେମ ସଂଗୀତ ମାଧ୍ୟମରେ ଉତ୍ସାହିତ କରିଥିଲେ । ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ବିନାୟକ ରଥ ମୁଖ୍ୟବକ୍ତା ଭାବରେ ଯୋଗ ଦେଇ ତାଙ୍କ ଭାଷଣରେ ତାଙ୍କର ଆଇ.ଆଇ.ଟି ଖଡଗପୁର ଅଧ୍ୟାପକ ସମୟରେ ରାଜୀବ ଗାନ୍ଧୀଙ୍କ ସହିତ ପ୍ରତ୍ୟେକ୍ଷ ଓ ପରୋକ୍ଷ ଭାବରେ ବିଭିନ୍ନ ବୈଷୟିକ କାର୍ଯ୍ୟକ୍ରମରେ ସାକ୍ଷାତ ହୋଇଥିଲା ଓ ରାଜୀବ ଗାନ୍ଧୀ ବିଜ୍ଞାନଓ ବୈଷୟିକ କ୍ଷେତ୍ରରେ ବ୍ୟାପକ ଉନ୍ନତି ପାଇଁ ସର୍ବଦା ଚିନ୍ତିତ ଓ ଚେଷ୍ଟାରତ ଥିଲେ ବୋଲି ମତବ୍ୟକ୍ତ କରିଥିଲେ । ସମ୍ମାନୀୟ ଅତିଥି ଭାବରେ ପ୍ରାକ୍ତନ ସାଂସଦ, ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଜାତୀୟ ଉପସଭାପତି ତଥା ରାଜ୍ୟ ସଭାପତି ଡ.ରାମଚନ୍ଦ୍ର ଖୁଣ୍ଟିଆ ଯୋଗ ଦେଇ ଯୁବକମାନେ ନିଜ ପ୍ରତିଭାକୁ ଦେଶ ହିତରେ ବ୍ୟବହାର କରିବା ପାଇଁ ସ୍ୱପ୍ନ ଦେଖି ତାକୁ ସାକାର କଲେ ଆମ ଓଡିଶା ଓ ଭାରତବର୍ଷର ନୂତନ ଯୁଗ ନିର୍ମାଣ ହୋଇପାରିବ ଏବଂ ରାଜୀବଗାନ୍ଧୀ ଜାତୀୟ ସଂହତି, ଶାନ୍ତି, ସଦଭାବନା, ରାଜ୍ୟ ରାଜ୍ୟ ମଧ୍ୟରେ ସୁସମ୍ପର୍କ ଓ ବିଶ୍ୱମୈତ୍ରୀଭାବ ବୃଦ୍ଧି କ୍ଷେତ୍ରରେ ନିରନ୍ତର କାର୍ଯ୍ୟକରୁଥିବା ସମ୍ପର୍କରେ ମତବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ ଓ ଦୈନିକ ଖବର କାଗଜ ପର୍ଯ୍ୟବେକ୍ଷକ ଓ ଦି କଳିଙ୍ଗ କ୍ଲୋନିକ୍‌ର ମୁଖ୍ୟ ସମ୍ପାଦକ ଡଃ ପବିତ୍ର ମୋହନ ସାମନ୍ତରାୟ ସମ୍ମାନୀୟ ଅତିଥି ଭାବେ ଯୋଗ ଦେଇ ରାଜୀବ ଗାନ୍ଧୀଙ୍କ ସ୍ମୃତିଚାରଣ କରିବା ସହ ଯୁବକ ଏବଂ ଛାତ୍ରମାନେ ରାଜୀବ ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ଆହ୍ୱାନ ଦେଇଥିଲେ । ଭାରତର ନିର୍ମାଣର ସ୍ୱପ୍ନ ରାଜୀବ ଗାନ୍ଧୀଙ୍କର ମାନସପଟରେ ସର୍ବଦା ଉଦ୍ରେକ ହେଉଥିଲା ଓ ଏହି ସ୍ୱପ୍ନର ଭାରତବର୍ଷକୁ ବିକଶିତ କରିବା ପାଇଁ କେବଳ ଯୁବକମାନେ ଆନ୍ତରିକତାର ସହ ଆଗେଇ ଆସିବା ସହ ବର୍ତମାନ ମହାତ୍ମାଗାନ୍ଧୀ , ଜବାହାରଲାଲ ନେହେରୁଙ୍କ ପରି ଅନ୍ୟାନ୍ୟ ସ୍ୱାଧୀନତା ସଂଗ୍ରାମୀମାନଙ୍କ ପ୍ରତି ୟୁଟୁଭ୍ ଓ ସୋସିଆଲ ମାନଙ୍କ ମଧ୍ୟରେ ଭୁଲ୍ ତଥ୍ୟ ପ୍ରଚାର ଓ ପ୍ରଚାର କରାଯାଉଥିବାରୁ ଦେଶର ଭବିଷ୍ୟତ ଆମର ଛାତ୍ର ସମାଜ ଉପରୋକ୍ତ ଘଟଣାବଳିକୁ ଅଣଦେଖା କରିବା ସହିତ ସତ୍ୟକୁ ଆହରଣ କରିବାକୁ ଫୋରମର ରାଜ୍ୟ ସଭାପତି ସତ୍ୟବ୍ରତ ନାୟକ ଆହ୍ୱାନ ଦେଇଥିଲେ । ଓଡିଶାର ଏନ୍.ସି.ସି. କ୍ୟାଡେଟ୍, ସ୍କାଉଟ୍ ଗାଇଡ୍, ଏନ୍.ଏସ୍.ଏସ୍. ସ୍ୱେଚ୍ଛାସେବୀ, ଯୁବ ରେଡକ୍ରସ, ସାହିତ୍ୟ, ବିଜ୍ଞାନ, କ୍ରୀଡା, କଳା, ଓଡ଼ିଶୀ ନୃତ୍ୟ, ସଂଗୀତ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ଅର୍ଜନ କରିଥିବା ୧୪୮ଜଣ ଛାତ୍ରଛାତ୍ରୀମାନଙ୍କୁ ରାଜ୍ୟ ସ୍ତରୀୟ ରାଜୀବ ଗାନ୍ଧୀ ପ୍ରତିଭା ପୁରସ୍କାର-୨୦୨୫ ସମ୍ମାନରେ ମୁଖ୍ୟଅତିଥି ଓ ଅନ୍ୟ ଅତିଥିମାନେ ସମ୍ମାନ କରିଥିଲେ । ଛାତ୍ର ଫୋରମର ଉପସଭାପତି କୃଷ୍ଣଚନ୍ଦ୍ର ସାହୁ, ଚିତ୍ରକୁଣ୍ଡା ବିଧାୟକ ମଙ୍ଗୁ ଖିଲା, ଭବାନୀ ଶଙ୍କର ଜେନା, ସଂଯୋଜକ ପ୍ରିୟବ୍ରତ ନାୟକ, ଅଜୟ କୁମାର ପାଇକରାୟ, ସାଗର ରଞ୍ଜନ ପରିଡା, ବିନୋଦ କୁମାର ରାଉତ, ଅନିଲ ମହାନ୍ତି, ଶିବ ପ୍ରସାଦ ଦାସ, ବିଦ୍ୟାଚରଣ ସୁନା, ସନ୍ତୋଷ କୁମାର ନାୟକ, ଦେବେନ୍ଦ୍ର ଦାସ ଓ କନକମଞ୍ଜରୀ ମହିଳା ମହାବିଦ୍ୟାଳୟ ଆନନ୍ଦପୁର କଲେଜର ଛାତ୍ରୀ ସୋମା ଦେବୀ ପୁରସ୍କାର ବିତରଣ ଉତ୍ସବକୁ ପରିଚାଳନା କରିଥିଲେ । ଶେଷରେ ଉପସଭାପତି କୃଷ୍ଣଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ପାଣିପାଗର ଆଳରେ ଉପନିର୍ବାଚନ ସ୍ଥଗିତ ରଖିବା ଲଜ୍ଜାଜନକ ଘଟଣା: ବିଜେଡି

ଭୁବନେଶ୍ୱର,୨୧।୫(ପି.ଏନ): ସକାଳେ ନୋଟିଫିକେସନ ବାହାରିଲା, ଆଉ ସନ୍ଧ୍ୟାରେ ବଦଳିଗଲା । ପାଗ କଥା କହି ଉପ ନିର୍ବାଚନ ବାତିଲ କରିବା ଏକ ଲଜ୍ଜାଜନକ ଘଟଣା ବୋଲି କହିଛି ବିଜେଡି । ପୂର୍ବରୁ କ'ଣ ସେ ପାଗ ବାବଦରେ ଜାଣି ପାରୁ ନଥିଲେ କି ବୋଲି ପ୍ରଶ୍ନ କରିଛି ବିଜେଡି ।କାହା ଚାପରେ ନିଷ୍ପତ୍ତି ବଦଳିଲା, ନିର୍ବାଚନ କମିଶନ ସ୍ପଷ୍ଟ କରିବା ଉଚିତ । ବିଜେପି ଚାପ ପକାଇ ନିର୍ବାଚନ ସ୍ଥଗିତ କରୁଛି କି ? ଡବଲ ଇଞ୍ଜିନ ସରକାର ଡବଲ ଧୋକା ଦେବାରେ ସିଦ୍ଧହସ୍ତ । ପୂର୍ବରୁ ବିଜେପି ଚକ୍ରାନ୍ତ କରି ଜିତିଥିଲେ । ଏବେ ହାରିବା ଭୟରେ ନିର୍ବାଚନକୁ ସ୍ଥଗିତ କରାଇଛି ବୋଲି ଦଳ ପକ୍ଷରୁ ଅଭିଯୋଗ କରାଯାଇଛି ।

ଗୋଟିଏ ବର୍ଷରେ ସବୁ କ୍ଷେତ୍ରରେ ଫେଲ ହୋଇଛି ବିଜେପି । ସେମାନେ ଡରୁଛନ୍ତି, ଗାଁକୁ ଗଲେ ଲୋକେ ତାଙ୍କୁ ଗ୍ରହଣ କରିବେ ନାହିଁ ବୋଲି ବିଜେଡି ମୁଖପାତ୍ର ଲେନିନ୍ ମହାନ୍ତି । ସେପଟେ ବିଜେଡି ସହିତ ସ୍ୱର ମିଳିଲାଇଛି କଂଗ୍ରେସ । ରାଜ୍ୟ ସରକାର ପରାଜୟ ଭୟରେ ୨୪ ଘଣ୍ଟା ପରେ ନିଷ୍ପତ୍ତି ବଦଳାଇଥିବା ଅଭିଯୋଗ କରିଛି କଂଗ୍ରେସ ।

## କ୍ଷମତାକୁ ଆସିବା ପରେ ଓଡ଼ିଆ ଅସ୍ମିତାକୁ ଭୁଲି ଯାଇଛି ବିଜେପି ! ବିନା ଶ୍ରୀମନ୍ଦିରର ପରିଚାଳନା କମିଟିରେ ଚାଲିଛି କାମ



ଭୁବନେଶ୍ୱର,୨୧।୫(ପି.ଏନ): ବିନା ପରିଚାଳନା କମିଟିରେ ଚାଲିଛି ଶ୍ରୀମନ୍ଦିରର କାମ। ଯେଉଁ କମିଟି ଥିଲା, ତା'ର କାର୍ଯ୍ୟକାଳ ୮ ମାସ ତଳୁ ସରିଲାଣି । କିନ୍ତୁ ଏଯାଏଁ ନୂଆ କମିଟି ଗଠନ କରିପାରି ନାହାନ୍ତି ରାଜ୍ୟ ସରକାର । ଏହାକୁ ନେଇ ଉଦବେଗ ପ୍ରକାଶ କରିଛନ୍ତି ବିରୋଧୀ । ନିରଞ୍ଜନ ପଟ୍ଟନାୟକ ଅଭିଯୋଗ କରିଛନ୍ତି, ବିଜେପି ସରକାର ଶ୍ରୀଜଗନ୍ନାଥଙ୍କ ଭକ୍ତଙ୍କ ବିଶ୍ୱାସକୁ ଉପେକ୍ଷା କରୁଛନ୍ତି । ବିଜେଡି ବି ସେଇ କଥା କହିଛି । ରାଜ୍ୟ ସରକାର କାହିଁକି ଏ ପ୍ରସଙ୍ଗରେ ନୀରବଦ୍ରଷ୍ଟା ସାଜିଛନ୍ତି ତାକୁ ନେଇ ପ୍ରଶ୍ନ ଉଠିବାରେ ଲାଗିଛି ।ଶ୍ରୀମନ୍ଦିରର ପରିଚାଳନା କମିଟି ନାହିଁ । ଗତ ପରିଚାଳନା କମିଟିର କାର୍ଯ୍ୟକାଳ ୩ ସେପ୍ଟେମ୍ବର ୨୦୨୪ରୁ ସରିଲାଣି । କିନ୍ତୁ ଏଯାଏଁ ଗଠନ ହୋଇପାରିନାହିଁ ନୂଆ କମିଟି । ଏଥିପାଇଁ ବିଜେପି ସରକାରଙ୍କୁ ସିଧା ନିଶାନା କରିଛନ୍ତି ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ । ଓଡ଼ିଆ ଅସ୍ମିତାର ନାରା ଦେଇ ସରକାରକୁ ଆସିଥିବା ବିଜେପି ସରକାର କାହିଁକି ଓଡ଼ିଆ ଅସ୍ମିତା ଓ ବିଶ୍ୱର କୋଟି କୋଟି ଜଗନ୍ନାଥ ଭକ୍ତଙ୍କ ବିଶ୍ୱାସକୁ ଉପେକ୍ଷା କରୁଛନ୍ତି ବୋଲି ପ୍ରଶ୍ନ କରିଛନ୍ତି ନିରଞ୍ଜନ । ବିଜେପି ସରକାରକୁ ବର୍ଷେ ? ପୂରିବାକୁ ଯାଉଛି । କିନ୍ତୁ କାହିଁକି ଏଯାଏଁ ଶ୍ରୀମନ୍ଦିର ପରିଚାଳନା କମିଟି ଗଠନ ହୋଇପାରିନାହିଁ ବୋଲି ନିରଞ୍ଜନ ପଚାରିଛନ୍ତି । ତାଙ୍କୁ ଜବାବ ଦେଇ ବିଜେପି ବିଧାୟକ ସରୋଜ ପାଢୀ କହିଛନ୍ତି, ଅସ୍ମିତା କ'ଣ ନିରଞ୍ଜନ ଜାଣିନାହାନ୍ତି ।ଶ୍ରୀମନ୍ଦିର ପରିଚାଳନା କମିଟି ଗଠନ ହୋଇ ପାରି ନଥିବାରୁ ବିଜେଡି ମଧ ବିଜେପି ସରକାର ଉପରେ ବର୍ଷିଛି । ରାଜ୍ୟରେ ଡବଲ ଇଞ୍ଜିନ ସରକାର ଆସିଲା ପରେ ଓଡ଼ିଆ ଅସ୍ମିତା କୁଆଡ଼ ? ଗଲା ବୋଲି ପ୍ରଶ୍ନ କରିଛି ବିଜେଡି । ବିଧାୟକ ସାରଦା ଜେନା ପଚାରିଛନ୍ତି, ବିନା ପରିଚାଳନା କମିଟିରେ କେମିତି ରଥଯାତ୍ରାର ଠିକ୍ ପରିଚାଳନା ହେବ । ଓଡ଼ିଆ ଅସ୍ମିତା ନାରା ଦେଇ ବିଜେପି ସରକାରକୁ ଆସିବା ପରେ ସେହି ଅସ୍ମିତା ନାରାକୁ ଭୁଲି ଯାଇଛି । ୧୧ ମାସର ବିଜେପି ସରକାର ବିଭିନ୍ନ କ୍ଷେତ୍ରରେ ଫେଲ ମାରିଛି । ଜଗତର ନାଥ ଜଗନ୍ନାଥ ଓଡ଼ିଆ ଅସ୍ମିତାର ବଡ ପରିଚୟ ହୋଇଥିବାରୁ ରାଜ୍ୟ ସରକାର ତୁରନ୍ତ ଶ୍ରୀମନ୍ଦିର ପରିଚାଳନା କମିଟି ଗଠନ କରନ୍ତୁ ବୋଲି ଦାବି କରିଛନ୍ତି ବିରୋଧୀ । ଏହି ପ୍ରସଙ୍ଗରେ ବ୍ୟାକ୍ ଫୁଟରେ ରାଜ୍ୟ ସରକାର ।

## କଂଗ୍ରେସ ଟିମ ଘୋଷଣା ପରେ ବଢ଼ିବାରେ ଲାଗିଛି ଅସନ୍ତୋଷ, ଭକ୍ତଙ୍କ ଆଶ୍ୱସନା ପରେ ବି ନେତା ନାରାଜ

ନନ୍ଦିଘୋଷ ବ୍ୟୁରୋ: ପିସିସିର ନୂଆ ଟିମକୁ ନେଇ କଂଗ୍ରେସରେ ଅସନ୍ତୋଷ ଦେଖା ଦେବା ପରେ ମୁହଁ ଖୋଲିଛନ୍ତି ପିସିସି ସଭାପତି ଭକ୍ତଚରଣ ଦାସ । ଏକମାସ ମଧ୍ୟରେ ଟିମର ସମ୍ପ୍ରସାରଣ କରାଯିବ ବୋଲି ପିସିସି ସଭାପତି କହିବା ସହ ନେତାଙ୍କୁ ଧୈର୍ଯ୍ୟ ଧରିବାକୁ ପରାମର୍ଶ ଦେଇଛନ୍ତି । ପିସିସି ସଭାପତିଙ୍କ ଆଶ୍ୱାସନା ପରେ ବି ଦଳୀୟ ନେତା କିନ୍ତୁ ବୁଝିବାକୁ ନାରାଜ । କିଛି ନେତା ଖୋଲା ଖୋଲି ମନ୍ତବ୍ୟ ଦେବା ସହ ଅନ୍ୟ କିଛି ନେତା ଭକ୍ତଙ୍କ ଟିମକୁ ନେଇ ବେଶ ଉତ୍ସାହିତ ।ପିସିସି ସଭାପତି ଭକ୍ତ ଦାସଙ୍କ ୩୦ ଜଣିଆ ଟିମଙ୍କୁ ନେଇ ହାତ ଶିବିରରେ କମ୍ପନ । ନୂଆ ଟିମକୁ ନେଇ ଦଳରେ ଅସନ୍ତୋଷ ନିଆଁ ବଢୁଥିବା ଦେଖି ମୁହଁ ଖୋଲିଛନ୍ତି ପିସିସି ସଭାପତି । କହିଛନ୍ତି, ପିସିସି ଟିମରେ ସବୁ ବର୍ଗର ନେତାଙ୍କୁ ସାମିଲ କରାଯାଇଛି । ବିଧାୟକମାନଙ୍କୁ ଦଳୀୟ ରାଜନୀତିରେ ସକ୍ରିୟ କରିବାକୁ ପ୍ରୟାସ କରାଯାଇଛି । ଯେଉଁ ଯୋଗ୍ୟ ନେତା ଟିମରେ ସ୍ଥାନ ପାଇନାହାନ୍ତି ସେମାନେ ଧୈର୍ଯ୍ୟ ଧରିବା ଦରକାର । ଏକମାସ ମଧ୍ୟରେ ପିସିସି ଟିମର ସମ୍ପ୍ରସାରଣ କରାଯାଇ ଯୋଗ୍ୟ ନେତାଙ୍କୁ ଟିମରେ ସାମିଲ କରାଯିବ ବୋଲି ପିସିସି ସଭାପତି ଆଶ୍ୱାସନା ଦେଇଛନ୍ତି । ବରିଷ୍ଠ କଂଗ୍ରେସ ନେତା ଅମର ପ୍ରଧାନ କହିଛନ୍ତି, ପିସିସି ଟିମକୁ ନେଇ ଅସନ୍ତୋଷ କିଛି ନୂଆ କଥା ନୁହେଁ । ଆଗକୁ ପିସିସି ସଭାପତି ସବୁ ଅସନ୍ତୋଷର ସାମଧାନ କରିବେ ବୋଲି ଆଶା କରାଯାଉଛି ।ଭକ୍ତଙ୍କ ନୂଆ ଟିମରେ ୭ ଜଣ ଉପସଭାପତି, ୧୨ ଜଣ ସମ୍ପାଦକ, ୧୦ ଜଣ ସାଧାରଣ ସମ୍ପାଦକ ଓ ଜଣେ କୋଷାଧ୍ୟକ୍ଷ ନିଯୁକ୍ତ ହୋଇଛନ୍ତି । ଏହାକୁ ନେଇ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା କହିଛନ୍ତି, ପିସିସି ସଭାପତି ନିଜକୁ ସୁହାଇଲା ପରି ଟିମ ଗଠନ କରିଛନ୍ତି । ଆଗକୁ ଟିମ ସମ୍ପ୍ରସାରଣ କରିବା କଷ୍ଟ ହେବ । ସେପଟେ ବିଧାୟକମାନେ ଏକଜୁଟ ହୋଇ କାମ କରିବେ ବୋଲି ଆଶା କରିଛନ୍ତି କଂଗ୍ରେସ ବିଧାୟକ ମଙ୍ଗୁ ଖିଲ । ବିଧାୟକମାନେ ଏକ ହୋଇ ବିଧାନସଭାରେ କାମ କରିଥିଲେ । ଆଗକୁ ଦଳକୁ ଅଧିକ ମଜଭୁତ କରିବା ପାଇଁ କୌଣସି ନେତା ପଛଘୁଞ୍ଚା ଦେବେ ନାହିଁ ।ପିସିସି ସଭାପତି ହେବାର ଅଢେଇ ମାସ ପରେ ଭକ୍ତ ତାଙ୍କର ନୂଆ ଟିମ ଗଠନ କଲେ । ଟିମ ଗଠନର ୪୮ ଘଣ୍ଟା ଭିତରେ ଟିମକୁ ନେଇ ଅସନ୍ତୋଷ କୁହୁଳୁଛି । ଏଯାଏଁ ୩୩ଟି ସାଂଗଠନିକ ଜିଲ୍ଲାର ସଭାପତିଙ୍କ ନାଁ ବି ଘୋଷଣା କରିନାହାନ୍ତି ପିସିସି ସଭାପତି । ଆଗକୁ ଜିଲ୍ଲାକୁ ଜିଲ୍ଲା ବୁଲି ଜିଲ୍ଲାସ୍ତରୀୟ ସଂଗଠନର ନବକଳେବର କରିବାକୁ ଯୋଜନା କରିଛନ୍ତି ପିସିସି ସଭାପତି ।

## ବେଦାନ୍ତ ଆଲୁମିନିୟମର ସଙ୍ଗମ ଜଳ ବିଭାଜିକା ପ୍ରକଳ୍ପ ଦୂର କଲା ୪୧ ଗାଁର ଜଳକଷ୍ଟ



ଭୁବନେଶ୍ୱର,୨୧।୫(ପି.ଏନ): ବେଦାନ୍ତ ଆଲୁମିନିୟମ କଳାହାଣ୍ଡି ଜିଲ୍ଲାରେ ଜଳ ସୁରକ୍ଷାକୁ ସୁନିଶ୍ଚିତ କରିବା ପାଇଁ ନେଇଛି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ବେଦାନ୍ତର ପକ୍ଷରୁ କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ଆଖପାଖର ୪୧ଟି ଗାଁରେ ସଥାୟୀ ଜଳ ବ୍ୟବସ୍ଥା ସହ ପାନୀୟ ଜଳ ଓ କୃଷି ପାଇଁ 'ସଙ୍ଗମ ଜଳବିଭାଜିକା ପ୍ରକଳ୍ପ' କାର୍ଯ୍ୟକାରୀ କରାଯାଇଛି । ପ୍ରକଳ୍ପ ମାଧ୍ୟମରେ ୩୫୦୦ରୁ ଅଧିକ ଏକର ଚାଷ ଜମିକୁ ଜଳସେଚନ ପାଇଁ ଜଳ ଯୋଗାଉଛି । ଏହା ଜଳ ସଂରକ୍ଷଣ କ୍ଷମତା ଓ ଭୂତଳ ଜଳ ରିଚାର୍ଜ ହାରକୁ ବୃଦ୍ଧି କରୁଛି । ସମ୍ପୂର୍ଣ୍ଣ କାର୍ଯ୍ୟକାରୀ ହେବା ପରେ, ଏଥିରୁ ୨୨ ହଜାର ଲୋକ ସିଧାସଳଖ ଉପକୃତ ହେବେ । ଗତ ଆର୍ଥିକ ବର୍ଷରେ, ୨୫୦୦ରୁ ଅଧିକ ବ୍ୟକ୍ତି ଗୋଷ୍ଠୀ ଭିତ୍ତିକ ଓ ଚାଷ ପୋଖରୀ ବିକାଶରୁ ସିଧାସଳଖ ଲାଭ ପାଇଛନ୍ତି । ଯାହା ସାମୂହିକ ଭାବରେ ୨.୮୨ ଲକ୍ଷ ଘନ ମିଟର ରିଚାର୍ଜ କ୍ଷମତାକୁ ବୃଦ୍ଧି କରିଛି ।ସଙ୍ଗମ ଜଳ ବିଭାଜିକା ପ୍ରକଳ୍ପ ଯୋଗୁଁ ବଳଭଦ୍ରପୁର ଗାଁରେ କୃଷି ଉତ୍ପାଦକତାରେ ବୃଦ୍ଧି ଘଟିଛି । ପ୍ରକଳ୍ପ ଯୋଗୁଁ ଆଖୁ ଉତ୍ପାଦନ ୨୫ ପ୍ରତିଶତ ବୃଦ୍ଧି ପାଇଛି । ସାମଗ୍ରିକ ପଦ୍ଧତି ମାଧ୍ୟମରେ ଜଳ ସୁରକ୍ଷା, ଉଚ୍ଚମାନର ବିହନ, ସାର ଉପଲବ୍ଧତା, ଫସଲ ସୁରକ୍ଷା, ବିଶେଷଜ୍ଞଙ୍କ ନେତୃତ୍ୱରେ ତାଲିମ, ବୁନ୍ଦା ଜଳସେଚନ, ଜାଲି ମାଧ୍ୟମରେ ପନିପରିବା ଏବଂ ଷ୍ଟ୍ରବେରୀ ଚାଷ ଭଳି ସ୍ମାର୍ଟ କୃଷି ପଦ୍ଧତିର ପ୍ରୋତ୍ସାହନ ରହିଛି । ପ୍ରକଳ୍ପ ଏନଏଡିଇପି କମ୍ପୋଷ୍ଟିଂ ମାଧ୍ୟମରେ ୭୨ ଏକର ଜମିରେ ଜୈବିକ କୃଷିକୁ ମଧ୍ୟ ସମର୍ଥନ କରୁଛି । ଯାନ୍ତ୍ରିକ କୃଷିକୁ ଆଗକୁ ବଢ଼ାଇବା ପାଇଁ ପାଞ୍ଚଟି କିଷାନ ସେବା କେନ୍ଦ୍ର ସ୍ଥାପନ କରାଯାଇଛି । ଲାଞ୍ଜିଗଡ଼ ଆଲୁମିନା ରିଫାଇନାରୀ ସ୍ଥାୟୀ ଜୀବିକା, ସ୍ୱଦେଶୀ କଳା ପୁନରୁଦ୍ଧାର, ବର୍ଜ୍ୟରୁ ସମ୍ପଦ ପଦକ୍ଷେପ, ସ୍ୱାସ୍ଥ୍ୟ, ଶିକ୍ଷାରେ ଉନ୍ନତିରେ ସହଯୋଗ କରୁଛି ।ବେଦାନ୍ତ ଆଲୁମିନିୟମ ସିଇଓ ରାଜୀବ କୁମାର କହିଛନ୍ତି, 'କଳାହାଣ୍ଡିରେ ଆମେ ଯେଉଁ ପରିବର୍ତ୍ତନ ଦେଖୁଛୁ ତାହା ସହଭାଗୀତା ଏବଂ ନବସୃଜନର ଶକ୍ତିର ପ୍ରମାଣ। ସଙ୍ଗମ ଜଳବିଭାଜିକା ପ୍ରକଳ୍ପ ଏବଂ ଆମର ସମନ୍ୱିତ ବିକାଶ ପଦକ୍ଷେପ ମାଧ୍ୟମରେ, ବେଦାନ୍ତ ଆଲୁମିନିୟମ କେବଳ ଜଳ ସୁରକ୍ଷା ଏବଂ କୃଷି ଉତ୍ପାଦକତାକୁ ବୃଦ୍ଧି କରିନାହିଁ ବରଂ ହଜାର ହଜାର ଗ୍ରାମୀଣ ପରିବାରକୁ ସ୍ଥାୟୀ ଜୀବିକା ସହିତ ସଶକ୍ତ କରିଛି । କଳାହାଣ୍ଡିର ଲୋକଙ୍କ ପାଇଁ ଅନ୍ତର୍ଭୁକ୍ତିମୂଳକ ଅଭିବୃଦ୍ଧି ଓ ଦୀର୍ଘକାଳୀନ ସମୃଦ୍ଧିକୁ ଆଗେଇ ନେବା ପାଇଁ ଆମେ ପ୍ରଯୁକ୍ତିବିଦ୍ୟା, ଗୋଷ୍ଠୀ ସହଭାଗିତା ଓ ରଣନୈତିକ ମଞ୍ଚକୁ ଉପଯୋଗ କରିବାକୁ ପ୍ରତିବଦ୍ଧ ।' ଏହି ପ୍ରକଳ୍ପ ବ୍ୟତୀତ, ବେଦାନ୍ତ ଆଲୁମିନିୟମ କଳାହାଣ୍ଡିର ସାମାଜିକ ଭିତ୍ତିଭୂମିରେ ବଡ ଧରଣର ନିବେଶ କରିଛି । ଲାଞ୍ଜିଗଡ଼ରେ ଏହାର ବିଶ୍ୱସ୍ତରୀୟ ଆଲୁମିନା ରିଫାଇନାରୀ ମାଧ୍ୟମରେ, କମ୍ପାନୀ ଓଡ଼ିଶାର ମୋଟ ରାଜ୍ୟ ଘରୋଇ ଉତ୍ପାଦରେ ପ୍ରାୟ ୩ ପ୍ରତିଶ ଅବଦାନ ରଖିଛି । ଏହା ୨୧ଟି ସ୍କୁଲରେ ଭିତ୍ତିଭୂମିକୁ ସମର୍ଥନ କରିଛି । ଡିଏଭି-ବେଦାନ୍ତ ସ୍କୁଲ ପ୍ରତିଷ୍ଠା କରି ସ୍ଥାନୀୟ ନିଯୁକ୍ତି ସୃଷ୍ଟି କରିଛି । ଶିକ୍ଷା ସୁବିଧା ବୃଦ୍ଧି କରିବା ସହଛି ସ୍ୱାସ୍ଥ୍ୟସେବାକୁ ଉନ୍ନତ କରିଛି । ଏହା ଦକ୍ଷତା ତାଲିମ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ଜଳବିଭାଜିକା ବିକାଶ, ସ୍ମାର୍ଟ କୃଷି ଏବଂ ସ୍ୱଚ୍ଛ ଜଳ ଉପଲବ୍ଧତା ଭଳି ସ୍ଥାୟୀ ଜୀବିକା ସୁଯୋଗକୁ ମଧ୍ୟ ସମର୍ଥନ କରେ । ଯାହା ସବୁ ଜମିର ଗୁଣବତ୍ତା ଉନ୍ନତି କରିଛି । କୃଷି ଆୟ ବୃଦ୍ଧି କରିବା ସହ ଦାରିଦ୍ର୍ୟ ହ୍ରାସ କରିବାରେ ସହାୟକ ହୋଇଛି ।

## ଆଜି ବି ଗାଁରେ ପହଞ୍ଚି ପାରୁନି ଆମ୍ବୁଲାନ୍ସ : ଖଟିଆରେ ବୁହାହେଲେ ରୋଗୀ



ଭୁବନେଶ୍ୱର,୨୧।୫(ପି.ଏନ): କଚ୍ଚା ରାସ୍ତାରେ ଗାଁରେ ପହଞ୍ଚି ପାରିଲାନାହିଁ ଆମ୍ବୁଲାନ୍ସ । ଲୋକମାନଙ୍କ ସହାୟତାରେ ଖଟିଆରେ ବୁହା ହୋଇ ଆମ୍ବୁଲାନ୍ସ ନିକଟକୁ ଆସିଲେ ରୋଗୀ। ଏଭଳି ଘଟଣା ଦେଖିବାକୁ ମିଳିଛି ମୟୂରଭଞ୍ଜ ଜିଲ୍ଲା ସାରସକଣା ବ୍ଲକ ପଞ୍ଚମତଳିଆ ଗାଁରେ । ବିଡିଓ ଏବଂ ଠିକାଦାରଙ୍କ ପାଇଁ ହନ୍ତସନ୍ତ ଗ୍ରାମବାସୀ ହେଉଥିବା ଅଭିଯୋଗ ହୋଇଛି । ମନରେଗାରେ ଅଧା କାମ କରି କେବଳ ମାଟି ପକାଇ ଟଙ୍କା ହରିଲୁଟ୍ । ପଞ୍ଚମତଳିଆ ଗାଁକୁ ସଂଯୋଗ ରାସ୍ତାର ଉନ୍ନତିକରଣ କାର୍ଯ୍ୟ ଆରମ୍ଭ ହୋଇଥିଲା । ମନରେଗା ଯୋଜନାରେ ତରବରିଆ ଭାବେ ମାଟି ପକାଇ କଚ୍ଚା ରାସ୍ତା ନିର୍ମାଣ କରି ରାସ୍ତା କାମ ସାରିଦେଲେ ଠିକାଦାର। କେବଳ ମାଟି ପକାଇବାକୁ ।କାଳ ବୈଶାଖୀ ବର୍ଷାରେ କଚ୍ଚା ରାସ୍ତାରେ ଯିବା କଷ୍ଟକର ହୋଇପଡୁଛି ଗ୍ରାମବାସୀ ବାରଣ କରିଥିଲେ ମଧ୍ୟ ବିଡିଓ ଏବଂ ଠିକାଦାର କର୍ଣ୍ଣପାତ କରିନଥିଲେ । ରାସ୍ତାରେ ବାଇକ୍ କିମ୍ବା ଆମ୍ବୁଲାନ୍ସ ଟିଏ ଗାଁ ମଧ୍ୟକୁ ଯିବା ଏବେ ସମ୍ଭବ ହେଉନଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ। ଗାଁର ଜଣେ ବ୍ୟକ୍ତିର ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ଆମ୍ବୁଲାନ୍ସକୁ ଡକାଯାଇଥିଲା। କିନ୍ତୁ ରାସ୍ତାଟି ବିପର୍ଯ୍ୟୟ ଅବସ୍ଥାରେ ଥିବାରୁ ଗାଁକୁ ପଶି ପରିଲାନି ଆମ୍ବୁଲାନ୍ସ। ଶେଷରେ ଲୋକମାନଙ୍କ ସହାୟତାରେ ଖଟିଆରେ ବୁହା ହୋଇ ଆମ୍ବୁଲାନ୍ସ ନିକଟକୁ ଆସିଥିଲା ରୋଗୀ।

## ପ୍ରକାଶ ପାଇଲା ଯୁକ୍ତ ଦୁଇ ରେଜଲ୍ଟ, ପୁଣି ବାଜି ମାରିଲେ ଛାତ୍ରୀ

ଭୁବନେଶ୍ୱର,୨୧।୫(ପି.ଏନ): ଯୁକ୍ତଦୁଇ ପରୀକ୍ଷା ଫଳ ପ୍ରକାଶ ପାଉଛି । ତିନି ବିଭାଗ କଳା, ବିଜ୍ଞାନ ଓ ବାଣିଜ୍ୟ ସହ ଧନ୍ଦାମୂଳକ ପରୀକ୍ଷର ଉଭୟ ରେଗୁଲାର ଓ ଏକ୍ସ-ରେଗୁଲାର ପରୀକ୍ଷା ଫଳ ଏକା ସଙ୍ଗରେ ପ୍ରକାଶ ପାଇଛି । ବିଭାଗୀୟ ମନ୍ତ୍ରୀ ପରୀକ୍ଷା ପୁସ୍ତକ ଉନ୍‌ମୋଚନ କରିଥିଲେ । ମୋଟ ୮୨.୭୬ ପ୍ରତିଶତ ରେଜଲ୍ଟ ହୋଇଥିବା ବେଳେ ପୁଣି କମାଲ କରିଛନ୍ତି ଛାତ୍ରୀ । ୮୭.୨୪ ପ୍ରତିଶତ ଛାତ୍ରୀ ପାସ୍ କରିଥିବା ବେଳେ ୭୭.୮୮ ପ୍ରତିଶତ କୃତକାର୍ଯ୍ୟ ହୋଇଛନ୍ତି । କଳାରେ ୮୦.୫୧ ପ୍ରତିଶତ ରେଜଲ୍ଟ ହୋଇଥିବା ବେଳେ ବିଜ୍ଞାନରେ ୮୭.୪୯ ପ୍ରତିଶତ ପାସ କରିଛନ୍ତି । ସେହିପରି ବାଣିଜ୍ୟରେ ୮୧.୭୧ ପ୍ରତିଶତ ରେଜଲ୍ଟ ହୋଇଥିବା ବେଳେ ଧନ୍ଦାମୂକଳ ପରୀକ୍ଷାରେ ୬୦.୫୬ ପ୍ରତିଶତ ଛାତ୍ରଛାତ୍ରୀ ପାସ୍ କରିଛନ୍ତି ।କଳାରେ ବରଗଡ଼ ଜିଲ୍ଲାରେ ସର୍ବାଧିକ ରେଜଲ୍ଟ ହୋଇଛି । ସେହିପରି କଳାରେ ଗଣଶିକ୍ଷା ମନ୍ତ୍ରୀଙ୍କ ଜିଲ୍ଲା ନବରଙ୍ଗପୁରରେ ପାସହାର ସର୍ବନିମ୍ନ ରହିଛି । ଉଭୟ ବିଜ୍ଞାନ ଓ ବାଣିଜ୍ୟରେ ପାସହାର ନୟାଗଡ଼ ଜିଲ୍ଲାରେ ସର୍ବାଧିକ ରହିଛି । ବିଜ୍ଞାନରେ ବୌଦ୍ଧ ଜିଲ୍ଲାର ପାସହାର ସର୍ବନିମ୍ନ ହୋଇଥିବା ବେଳେ ବାଣିଜ୍ୟରେ ବଲାଙ୍ଗୀର ଜିଲ୍ଲାର ପାସ ହାର ସର୍ବନିମ୍ନ ରହିଛି । ବିଜ୍ଞାନରେ ପାସ ହାର ୮୭. ୫୦ ପ୍ରତିଶତ ରହିଛି । ବିଜ୍ଞାନରେ ୯୦ ପ୍ରତିଶତରୁ ଅଧିକ ମାର୍କ ରଖିଛନ୍ତି ୧୯୦୬ ଜଣ ଛାତ୍ରଛାତ୍ରୀ । ପ୍ରଥମ ଶ୍ରେଣୀରେ ୫୪ ହଜାର ୯୪୭ ଜଣ ପାସ କରିଛନ୍ତି । ସେହିପରି ଦ୍ୱିତୀୟ ଶ୍ରେଣୀରେ ୨୬ ହଜାର ୪୨୪ ଓ ତୃତୀୟ ଶ୍ରେଣୀରେ ୧୪ ଗହାର ୯୫୪ ଜଣ ପାସ କରିଛନ୍ତି । ନୟାଗଡ଼ ଜିଲ୍ଲାରେ ବିଜ୍ଞାନରେ ସର୍ବାଧିକ ୯୭.୫୮ ପ୍ରତିଶତ ଛାତ୍ରଛତ୍ରୀ ପାସ କରିଛନ୍ତି ।କଳାରେ ପାସ ହାର ୮୦. ୫୧ ପ୍ରତିଶତ ରହିଛି ।






# ଗୋଟିଏ ମିନିଟରେ କୋଟିଏ ଆୟ



ସବୁବେଳେ ଚର୍ଚ୍ଚାରେ କିପରି ରହିବାକୁ ହୁଏ, ସେ କଳା ବିଷୟରେ ବଲିଉଡ ଅଭିନେତ୍ରୀ ଉର୍ବଶୀ ରାଉତେଲାଙ୍କୁ ଭଲଭାବେ ଜଣା। ଉର୍ବଶୀ ଅଭିନୟ ଜଗତରେ ଏତେ ସଫଳ ହୋଇପାରି ନଥିଲେ ବି ମଡେଲିଂରେ ସେ ଅନ୍ୟମାନଙ୍କଠୁ ବହୁ ଆଗରେ। ଅନେକ ସମୟରେ ଉର୍ବଶୀ ନିଜର ବିଳାସପୂର୍ଣ୍ଣ ଜୀବନ ଶୈଳୀ ଏବଂ ଦାମୀ ଜିନିଷ ପିନ୍ଧି ଲାଇମଲାଇଟକୁ ଆସିଥାନ୍ତି। ଏବେ ସେ ନିଜର ଆୟ ବିଷୟରେ ଜଣାଇ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛନ୍ତି। ଉର୍ବଶୀ ସ୍ୱୀକାର କରିଛନ୍ତି ଯେ ସେ ଗୋଟିଏ ମିନିଟରେ ୧କୋଟି ଟଙ୍କା ରୋଜଗାର କରନ୍ତି। ଏହା ସହ ସେ ସବୁଠୁ ଅଧିକ ପାରିଶ୍ରମିକ ନେଉଥିବା ଅଭିନେତ୍ରୀ। ତାଙ୍କର ଏଭଳି ଦାବି ଏବେ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଉର୍ବଶୀ ରାଉତେଲାଙ୍କର ଏକ ଭିଡିଓ ସୋସିଆଲ ମିଡିଆରେ ଏବେ ଭାଇରାଲ ହେବାରେ ଲାଗିଛି, ଯେଉଁଥିରେ ସେ ତାଙ୍କ ରୋଜଗାର ଉପରେ ପ୍ରତିକ୍ରିୟା ରଖୁଛନ୍ତି। ଯେତେବେଳେ ଜଣେ ଗଣମାଧ୍ୟମ ପ୍ରତିନିଧି ଉର୍ବଶୀ ରାଉତେଲାଙ୍କୁ ପଚାରୁଛନ୍ତି ଯେ ସେ ସର୍ବାଧିକ ପାରିଶ୍ରମିକ ପ୍ରାପ୍ତ ଅଭିନେତ୍ରୀ ହେବା ପରେ କିପରି ଅନୁଭବ ହେଉଛି ଏହାର ଉତରରେ ଉର୍ବଶୀ କହୁଛନ୍ତି, ନିଜ ଚେଷ୍ଟାରେ ସଫଳ ହୋଇଥିବା ପ୍ରତି ଅଭିନେତ୍ରୀ ଏଭଳି ଦିନ ଦେଖନ୍ତୁ ବୋଲି ମୁଁ ଚାହେଁ। ତେବେ କିଛି ଲୋକ ଉର୍ବଶୀଙ୍କ ଏଭଳି ଦାବିକୁ ନେଇ ତାଙ୍କୁ ଟ୍ରୋଲ କରୁଥିବା ଦେଖାଯାଇଛି।

# ବିଶାଳ ପୁସ୍ତକାଳୟ



ମଧ୍ୟ ପୂର୍ବ ଏସିଆର ସବୁଠୁ ବଡ଼ ଲାଇବ୍ରେରି 'ମହମ୍ମଦ ବିନ୍ ରସିଦ୍ ଲାଇବ୍ରେରି' ଏବେ ସାରା ବିଶ୍ୱରେ ଚର୍ଚ୍ଚାରେ ରହିଛି। ଦୁବାଇର ରାଜା ଶେକ୍ ମହମ୍ମଦ ବିନ୍ ରସିଦ୍ ଅଲ୍ ମକତୁମ୍‌ଙ୍କ ନାମାନୁସାରେ ଏହାର ନାମକରଣ କରାଯାଇଛି। ଏହାର ନିର୍ମାଣରେ ୨୧୫୧ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। ଏହି ହାଇଟେକ୍ ଲାଇବ୍ରେରିରେ ୧୧ ଲକ୍ଷ ପୁସ୍ତକ, ୬୦ ଲକ୍ଷରୁ ଅଧିକ ନିବନ୍ଧ, ୭୩ ହଜାର ମ୍ୟୁଜିକ୍ ନୋଟସ୍, ୭୫ ହଜାର ଭିଡିଓ, ୫ ହଜାର ପାଣ୍ଡୁଲିପି ଓ ୩୫ ହଜାର ସମ୍ବାଦପତ୍ର ସ୍ଥାନ ପାଇଛି। ଏଠାରେ ନଅଟି ବିଭାଗ ରହିଛି। ସାଧାରଣ ପୁସ୍ତକାଳୟ, ଆରବ ପୁସ୍ତକାଳୟ, ଶିଶୁ ପୁସ୍ତକାଳୟ, ମିଡିଆ ପୁସ୍ତକାଳୟ, ବ୍ୟାପାର ପୁସ୍ତକାଳୟ, ଯୁବ ପୁସ୍ତକାଳୟ, ବିଶେଷ ସଂଗ୍ରହ ପୁସ୍ତକାଳୟ, ମାନଚିତ୍ର ଓ ଆଟଲାସ୍ ପୁସ୍ତକାଳୟ ଇତ୍ୟାଦି। ବଟନ୍ ଦବାଇବା ମାତ୍ରେ ପୁସ୍ତକଗୁଡ଼ିକ ପାଖକୁ ଚାଲିଆସିଥାଏ।

# ବିଛଣା ଭାଗ କରି ମାସକୁ ରୋଜଗାର ୪୨ ହଜାର



ସାଧାରଣତଃ ଲୋକମାନେ ଘର ଭଡା ଦେଇଥାନ୍ତି। ଏଥିପାଇଁ ଭଡାରେ ରହୁଥିବା ବ୍ୟକ୍ତି ଘରମାଲିକଙ୍କୁ ଦେଇଥାନ୍ତି ଘରଭଡା। କିନ୍ତୁ କେବେ ଶୁଣିଛନ୍ତି କି ନିଜ ବେଡ୍‌କୁ ଭଡାରେ ଦେବା କଥା। ଆଜ୍ଞା ହଁ ଆପଣ ଶୁଣୁଥିବା କଥା ସତ। ଜଣେ ମହିଳା ନିଜ ବେଡର ଅଧା ଭଡାରେ ଦେଇଛନ୍ତି। ପୁଣି ସେ ରଖିଛନ୍ତି କିଛି ସର୍ତ। ଏହାସହିତ ଆଦାୟ କରୁଛନ୍ତି ମାସିକ ମୋଟା ଅଙ୍କର ଟଙ୍କା। ଯାହା ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ଏହି ଘଟଣାଟି ଅଷ୍ଟ୍ରେଲିଆରୁ ସାମ୍ନାକୁ ଆସିଛି। ଜଣେ ଅଷ୍ଟ୍ରେଲୀୟ ମହିଳା ତାଙ୍କ ଶୋଇବା ଘରର ବେଡ୍‌କୁ ଅଧା ଭଡ଼ା ଦେଇଛନ୍ତି। ଅର୍ଥାତ୍ ବେଡ୍‌ର ଗୋଟିଏ ପାର୍ଶ୍ୱରେ ଭଡା ନେଇଥିବା ବ୍ୟକ୍ତି ଜଣକ ଶୋଇପାରିବେ ବୋଲି ସେ କହିଛନ୍ତି। ସେହି ଅଷ୍ଟ୍ରେଲୀୟାର କ୍ୱିସ୍‌ଲ୍ୟାଣ୍ଡରେ ରହୁଥିବା ଏହି ମହିଳାଙ୍କ ନାଁ ହେଉଛି ମୋନିକ୍ ଯେରେମିୟ। ମୋନିକ୍ ହେଉଛନ୍ତି ଜଣେ ମଡେଲ୍ ସେ ଏପରି ଏକ ଅଜବ ଭଡ଼ା ଦେଇଥିବା ନେଇ ଜଣାପଡ଼ିଛି। ସେ ନିଜ ବେଡ୍‌କୁ ସେ ଲୋକମାନଙ୍କୁ ଅଫର ଦେଇଥା'ନ୍ତି। ଆଉ ବେଡ୍ ସେୟାର କରି ମୋନିକ୍ ମାସିକ ୪୨ ହଜାର ଟଙ୍କା ମାସିକ ରୋଜଗାର କରନ୍ତି। ଏପରି କରି ସେ ମାସିକ ୫ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି। ଏମିତିକି ମୋନିକ୍‌ଙ୍କ ସହ ବେଡ୍ ସେୟାର କରିବାକୁ ହେଲେ କିଛି ସର୍ତ ମଧ୍ୟ ମାନିବାକୁ ପଡିବ। ସର୍ତ ଅନୁଯାୟୀ ବେଡ୍ ସେୟାର ସମୟରେ କୌଣସି ବ୍ୟକ୍ତି ରୋମାଂଟିକ୍ ବ୍ୟବହାର କରିପାରିବେ ନାହିଁ। ଏମିତିକି ଶୋଇବା ସମୟରେ ଶାରୀରିକ ସମ୍ପର୍କ ରଖିପାରିବେ ନାହିଁ ବୋଲି କହିଥିଲେ ମୋନିକ। ମୋନିକ୍‌ଙ୍କ କହିବା ଅନୁଯାୟୀ କରୋନା ସମୟରେ ସେ ଏକୁଟିଆ ରହୁଥିଲେ। ତେଣୁ ସେହି ସମୟରେ ସେ ଏକୁଟିଆ ଅନୁଭବ ନକରିବାକୁ ଏପରି ଏକ ଚିନ୍ତା କରିଥିଲେ। ଫଳରେ ବେଡ୍‌ର ଅଧା ସେୟାର କରିଥିଲେ। ଆଉ ଏଥିରୁ ସେ ଭଲ ରୋଜଗାର ମଧ୍ୟ କରିପାରିଛନ୍ତି।

# 'ଆଶିକ୍-୩'ରେ ଆକାଂକ୍ଷା



ଫିଲ୍ମ 'ଆଶିକି-୩' ଘୋଷଣା ହେବା ପରେ ନିର୍ମାତା ଏହାର ମୁଖ୍ୟ ନାୟିକା ଖୋଜିବାରେ ଲାଗିପଡ଼ିଛନ୍ତି। ବର୍ତମାନ ଫିଲ୍ମର ଜଣେ ନୂଆ ଅଭିନେତ୍ରୀଙ୍କ ନାଁ ସାମ୍ନାକୁ ଆସିଛି। ଗଣମାଧ୍ୟମ ସୂଚନାଅନୁସାରେ, 'ଆଶିକି-୩'ରେ ଅଭିନେତା କାର୍ତିକ ଆର୍ଯ୍ୟନଙ୍କ ଅପୋଜିଟ୍‌ରେ କନ୍ନଡ଼ ଅଭିନେତ୍ରୀ ଆକାଂକ୍ଷା ଶର୍ମାଙ୍କୁ କାଷ୍ଟ୍ କରାଇପାରେ। ଆକାଂକ୍ଷା ଏ ନେଇ ଫିଲ୍ମମେକରଙ୍କୁ ଅନେକ ଥର ଭେଟି ଆଲୋଚନା କରିଛନ୍ତି। ଯଦି ସବୁ ଠିକ୍ ରୁହେ, ତେବେ ସେ 'ଆଶିକି'ର ତୃତୀୟ ସଂସ୍କରଣରେ ମୁଖ୍ୟ ନାୟିକା ହେବେ। ତେବେ ଫିଲ୍ମମେକର ଅଦ୍ୟାବଧି ଏ ନେଇ ଔପଚାରିକ ଘୋଷଣା କରିନାହାନ୍ତି। ମିଡିଆ ରିପୋର୍ଟ ଅନୁସାରେ, ଫିଲ୍ମ ପାଇଁ ନିର୍ମାତା ନୂଆ ଚେହେରା ଖୋଜୁଛନ୍ତି। ଆଶିକି ଫ୍ରାଂଚାଇଜିରେ ଆରମ୍ଭରୁ ନୂଆ ଚେହେରାଙ୍କୁ କାଷ୍ଟ୍ କରାଯାଇଛି। ରାହୁଲ ରୟ ଓ ଅନୁ ଅଗ୍ରୱାଲ ହୁଅନ୍ତୁ ବା ଆଦିତ୍ୟ ରୟ କପୁର ଓ ଶ୍ରଦ୍ଧା କପୁର, ଏମାନଙ୍କ ତାଜା ଯୋଡ଼ିକୁ ଦର୍ଶକ ଖୁବ୍ ପସନ୍ଦ କରିଥିଲେ। ଚର୍ଚ୍ଚା ହେଉଛି, କାର୍ତିକଙ୍କ ସହ ଆକାଂକ୍ଷାଙ୍କ କେମିଷ୍ଟ୍ରି ବହୁତ ଭଲ ହେବ। ଏହା ପୂର୍ବରୁ ଟିଭି ଅଭିନେତ୍ରୀ ଜେନିଫର ୱିଙ୍ଗେଟ୍, ସାରା ଅଲି ଖାନ୍, କ୍ୟାଟ୍ରିନା କୈଫ୍ ଓ ଦୀପିକାଙ୍କ ସମେତ ଅନେକ ଅଭିନେତ୍ରୀଙ୍କ ନାଁ ଫିଲ୍ମର ଲିଡ୍ ଲେଡି ପାଇଁ ସାମ୍ନାକୁ ଆସିଛି। ତେବେ ଅଦ୍ୟାବଧି କାହା ନାଁରେ ମୋହର ବାଜିନି। ଆକାଂକ୍ଷା ଜଣେ ମଡେଲ ଓ କନ୍ନଡ଼ ଫିଲ୍ମ ଅଭିନେତ୍ରୀ। ମଡେଲିଂରୁ ସେ କ୍ୟାରିଅର ଆରମ୍ଭ କରିଥିଲେ। ୨୦୨୦ ମସିହାରେ ରିଲିଜ୍ ହୋଇଥିବା କନ୍ନଡ଼ ଫିଲ୍ମ 'ତ୍ରିବିକ୍ରମ' ଜରିଆରେ ସେ ସିନେ କ୍ୟାରିଅର ଆରମ୍ଭ କରିଥିଲେ। ବଲିଉଡ୍ ଅଭିନେତା ଟାଇଗର ଶ୍ରଫ୍‌ଙ୍କ ସହ ମ୍ୟୁଜିକ୍ ଭିଡିଓ 'ଡିସ୍କୋ ୮୨'ରେ ମଧ୍ୟ କାମ କରିଥିଲେ। ଏହା ପରେ ଉଭୟଙ୍କ ଡେଟିଂ ଗୁଜବ ଚର୍ଚ୍ଚା ହୋଇଥିଲା। ତେବେ ଉଭୟ ଏ ନେଇ ମୁହଁ ଖୋଲିନଥିଲେ।

# ଶବକୁ ପୋତିବା ବଦଳରେ ଜଙ୍ଗଲରେ ଅବକ୍ଷୟ ହେବାକୁ ଛାଡ଼ନ୍ତି

ଇଣ୍ଡୋନେସିଆର ବାଲି ଦ୍ୱୀପ ଅନ୍ତର୍ଗତ ବାତୁର ହ୍ରଦର ପୂର୍ବ ଉପକୂଳରେ ରହିଛି ତ୍ରୁନ୍ୟାନ୍ ଗାଁ। ସେଠାରେ ପର୍ବତ ପରିବେଷ୍ଟିତ ପରିବେଶରେ 'ବାଲି ଆଗା' ସମ୍ପ୍ରଦାୟର ଲୋକମାନେ ବସବାସ କରନ୍ତି। ବାହାର ଦୁନିଆରୁ ବିଚ୍ଛିନ୍ନ ହୋଇ ରହୁଥିବା ଏହି ଲୋକମାନେ ସେମାନଙ୍କର ଐତିହ୍ୟର ଅନେକ ଉପାଦାନ ସଂରକ୍ଷିତ କରି ରଖିଛନ୍ତି। ସେଥି ମଧ୍ୟରେ ରହିଛି ସେମାନଙ୍କର ଶବ ସତ୍କାରର ବିଚିତ୍ର ପରମ୍ପରା। ସେମାନେ ଶବଗୁଡ଼ିକୁ କବର ଦେବା କି ଦାହ କରିବା ପରିବର୍ତେ ଜଙ୍ଗଲ ଭିତରେ ପ୍ରାକୃତିକ ଭାବେ ଅବକ୍ଷୟ ହେବାକୁ ଛାଡ଼ିଦିଅନ୍ତି। ଅବଶ୍ୟ ଶାଗୁଣା, କାଉ ଓ ଚିଲମାନଙ୍କ ଠାରୁ ସୁରକ୍ଷା ଦେବା ପାଇଁ ବାଲି ଆଗା ଲୋକମାନେ ଶବକୁ ବାଉଁଶ ତାଟି ଦ୍ୱାରା ଘୋଡ଼ାଇ ରଖିଥା'ନ୍ତି। ଦେହରୁ ମାଂସ ଶଢ଼ି ଝଡ଼ିଗଲା ପରେ ଖପୁରି ଓ ଅସ୍ଥିଗୁଡ଼ିକୁ ଉଦ୍ଧାର କରି ନୂତନ ଜୀବନ ଆଶାରେ ସେଗୁଡ଼ିକୁ ପଥର ଚଟାଣ ଉପରେ ରଖାଯାଏ। ଏହି ସମ୍ପ୍ରଦାୟର ଶବସତ୍କାର ସ୍ଥଳକୁ ଆସୁଥିବା ପର୍ଯ୍ୟଟକମାନେ ଶବରୁ ପଚାଶଢ଼ା ଗନ୍ଧ ବାହାରୁନଥିବା ଦେଖି ଆଶ୍ଚର୍ଯ୍ୟ ହୋଇଥା'ନ୍ତି। ଏହା ପଛରେ ରହିଛି ନିକଟରେ ଥିବା ଏକ ପ୍ରକାର ବଟବୃକ୍ଷ ଯାହାକୁ ସେମାନେ 'ମେନ୍ୟାନ୍ ତରୁ' ବା ସୁଗନ୍ଧି ବୃକ୍ଷ କହିଥା'ନ୍ତି। ଏହି ଗଛର ସୁବାସ ଶବର ଦୁର୍ଗନ୍ଧକୁ ଦୂର କରିଦେଇଥାଏ। ଉକ୍ତ ଗାଁରେ ସେପରି ତିନିଟି ଶବସତ୍କାର ସ୍ଥଳ ରହିଛି। ଶିଶୁ, ଦୁର୍ଘଟଣାରେ ମୃତ ଓ ଆତ୍ମହତ୍ୟା କରିଥିବା ଲୋକଙ୍କ ପାଇଁ ସେଠାରେ ସ୍ଥାନ ମିଳିନଥାଏ। ପ୍ରତି ଶବସତ୍କାର ସ୍ଥଳରେ ଏଗାରଟି ଲେଖାଏଁ ବାଉଁଶ ତାଟି ଓ ତାଳ ବାହୁଙ୍ଗା ଘେରା ଗମ୍ବୁଜ ରହିଥାଏ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୫, ମଇ ୨୨

# ପରଦାରେ ମା'ଆ


ଅଭୟ କୁମାର ଦାସ

ନାରୀ ସୃଷ୍ଟି ସର୍ଜନା କରିପାରେ, ନାରୀ ବିନାଶ ବି କରିପାରେ । ସେଥିପାଇଁ କୁହାଯାଏ ସର୍ଜନା ପାଇଁ ସମର୍ପିତ....... । ତେଲଲୁଣର ସଂସାର ଭିତରେ ସବୁ ସହି ସମସ୍ତଙ୍କ ପ୍ରତି ନିଜ ଦାୟିତ୍ୱ ନିର୍ବାହ କରୁଥିବା ସେହି ମା'ଆଟି ନିଜ ଦାୟିତ୍ୱବୋଧ ଓ ଦୁଷ୍ଟ ଶକ୍ତିଙ୍କ ପାଇଁ ବିନାଶକାରୀ ଭାବରେ ସେ ତା'ର ଭୂମିକାକୁ ନିର୍ବାହ ପାଇଁ ଭୁଲିନଥାଏ । ନାରୀ କୈନ୍ଦ୍ରିକ ସିନେମା ଭିତରେ ମା'ଆଙ୍କ ଭୂମିକାକୁ ନେଇ ଓଡ଼ିଆ ଚଳଚ୍ଚିତ୍ର ସମ୍ପର୍କରେ । ବ୍ରାହ୍ମଣ କୂଳରେ ଜନ୍ମ ହୋଇଥିବା ଝିଅଟିର ନାଁ ଥିଲା ସତୀ । ଜନୈକ ବ୍ରାହ୍ମଣ ନନାଙ୍କୁ ଭଲ ପାଇଥିଲେ ବି ବାପାଙ୍କ ପ୍ରସ୍ତାବରେ ଦୋବେଇ ବରକୁ ବିବାହ କରନ୍ତି । ବିବାହ ପରେ ନିଜ ପୁରୁଣା ସ୍ମୃତିକୁ ଭୁଲି ସାରିଥିଲେ ବି ଏକ କାଳ ଝଡ଼ରାତ୍ରିରେ ସ୍ୱାମୀଙ୍କ ଠାରୁ ଅଲଗା ହୋଇ ନିଜ ରାସ୍ତାର ଠିକଣା ଖୋଜି ବୁଲୁଥିଲାବେଳେ ଦେଖା ହୁଅନ୍ତି ନିଜର ପୂର୍ବତନ ପ୍ରେମିକ ନାଥ ନନା ସହ । ଗାଁକୁ ଫେରିବା ପରେ ବ୍ରାହ୍ମଣ ଝିଅ ସତୀର ଚରିତ୍ରକୁ ନେଇ ନାନା କଥା ଉଠେ । ଶେଷରେ ଲୋକକଥାକୁ ସହି ନପାରି ନଦୀ ଗର୍ଭର ଜଳରାଶିରେ ଝାସ ଦିଏ । ୧୯୬୩ ମସିହାରେ ଏହି କାହାଣୀକୁ ନେଇ ତିଆରି ହୋଇଥିଲା ଚଳଚ୍ଚିତ୍ର 'ମଲା ଜହ୍ନ' । ସତୀ ଭୂମିକାରେ ଚଳଚ୍ଚିତ୍ରର ନାୟିକା ଭାବରେ ଝରଣା ଦାସଙ୍କ ଭୂମିକା ବର୍ତ୍ତମାନ ସୁଦ୍ଧା ଦର୍ଶକଙ୍କ ସ୍ମୃତିରେ ରହିଛି ।

ପତିବ୍ରତା ନାରୀ ସାମ୍ନାରେ ସ୍ୱୟଂ ଯମରାଜ ମଥାନତ କରିଛନ୍ତି । ୧୯୮୩ରେ ଝରଣା ଦାସଙ୍କ ଚମତ୍କାର ଅଭିନୟରେ ଚଳଚ୍ଚିତ୍ର ଥିଲା 'ମହାସତୀ ସାବିତ୍ରୀ' । ଇନ୍ଦୁ ଫିଲ୍ମ ବ୍ୟାନରରେ ସୋନା ମୁଖାର୍ଜୀଙ୍କ ନିର୍ଦ୍ଦେଶନାରେ ଏହି ଚଳଚ୍ଚିତ୍ରଟି ପୌରାଣିକ କାହାଣୀରେ ନାରୀ ଚରିତ୍ରକୁ ଗୁରୁତ୍ୱ ଦେଇ ଦର୍ଶକଙ୍କ ଲୋକପ୍ରିୟତା ହାସଲ କରିପାରିଥିଲା । ୧୯୭୮ରେ ପଦ୍ମପୁରାଣର ସ୍ୱର୍ଗଖଣ୍ଡର କାହାଣୀକୁ ନେଇ ନିର୍ମିତ ହୋଇଥିଲା 'ସତୀ ଅନୁସୟା' । ପୁରାଣର କାହାଣୀ ଅନୁଯାୟୀ ସତୀ ଅନୁସୟା ପତି ଭକ୍ତିର ପରୀକ୍ଷା ଦେଇଥିଲେ । ପ୍ରଫୁଲ୍ଲ କରଙ୍କ ସଙ୍ଗୀତ ନିର୍ଦ୍ଦେଶନାରେ ଏହା ଅତ୍ୟନ୍ତ ଲୋକପ୍ରିୟର ମାନ୍ୟତା ପାଇଥିଲା । ଅକ୍ଷୟ ମହାନ୍ତିଙ୍କ ନିର୍ଦ୍ଦେଶନା ଓ ବାସୁଦେବ ରଥଙ୍କ ସଙ୍ଗୀତ ସଂଯୋଜନାରେ ମା'ଦୁର୍ଗାଙ୍କ ପୃଥିବୀ ପୃଷ୍ଠରେ ଶାନ୍ତି ପ୍ରତିଷ୍ଠାର କାହାଣୀକୁ ନେଇ ଲୋକପ୍ରିୟ ଚଳଚ୍ଚିତ୍ରଟି ଥିଲା 'ଜୟମା' ମଙ୍ଗଳା' । କେବଳ ସେତିକି ନୁହେଁ ପାପୀ ମାନଙ୍କର ବିନାଶ ପାଇଁ ସଂହାର ରୂପରେ ଭିନ୍ନ ଭୂମିକାରେ ଦାୟିତ୍ୱ ନିର୍ବାହ କରି ସନ୍ତାନର ମା'ଆ ପ୍ରତି କର୍ତ୍ତବ୍ୟର କାହାଣୀକୁ ନେଇ ରୂପାୟିତ ହୋଇଥିବା ଚଳଚ୍ଚିତ୍ରଟି ଥିଲା 'ମମତାର ଡୋରି' । ଦୁର୍ଗା ରୂପରେ ତନ୍ଦ୍ରାରାୟଙ୍କ ଭୂମିକା ଏଯାବତ୍ ଦର୍ଶକଙ୍କ ସ୍ମୃତିରେ ରହିଛି । ପ୍ରଶାନ୍ତ ନନ୍ଦଙ୍କ ନିର୍ଦ୍ଦେଶନାରେ ଲୋକପ୍ରିୟ ଅଭିନେତ୍ରୀ ମହାଶ୍ୱେତା ରାୟ ଦୁର୍ଗା ରୂପରେ ରୂପାୟିତ ହୋଇ ପରିବାରକୁ ରକ୍ଷା କରିବା ପାଇଁ ନିଜର ମହନୀୟତାକୁ ପ୍ରତିପାଦିତ କରିପାରିଥିଲେ । ଏହି ଚଳଚ୍ଚିତ୍ରଟି ବେଶ୍ ଲୋକପ୍ରିୟତା ହାସଲ କରିପାରିଥିଲା । ସେହିପରି 'ନାଗପ ମୀ' ଚଳଚ୍ଚିତ୍ରରେ ମା'ନାଗ ଦେବୀଙ୍କ ଭୂମିକାରେ ଭଉଣୀଟି ମୃତ୍ୟୁବରଣ କରିଥିଲେ ବି ଭଉଣୀର ଝିଅଟି ବଞ୍ଚି ପରବର୍ତ୍ତୀ ସମୟରେ ମା'ଆଙ୍କ ଆଶୀର୍ବାଦ ପ୍ରାପ୍ତ କରି ଅନ୍ୟାୟ ବିରୋଧରେ ଲଢ଼ି ବିଜୟୀ ହୋଇଛି । ଚୁଲୁବୁଲି ଗାଁ ଝିଅ ସୀତା ସଂସାରର ଡଙ୍ଗା ବାହିଲା ଭିତରେ ଖଳନାୟକର ଷଡ଼ଯନ୍ତ୍ରରେ ସ୍ୱାମୀକୁ ହରାଇଥାଏ । ଅପରାଜିତାଙ୍କ ଲିଡ୍ ରୋଲ୍‌ରେ ତିଆରି ହୋଇଥିବା ଏହି 'ଉଦଣ୍ଡୀ ସୀତା' ଚଳଚ୍ଚିତ୍ରଟି ବେଶ୍ ପ୍ରଶଂସା ପାଇପାରିଥିଲା । ଏକଦା ପ୍ରବଳ ଭିଡ଼ ହେଉଥିବା କେନ୍ଦ୍ରାପଡ଼ା ସନ୍ନିକଟ 'ମା ଗୋଜବାୟାଣୀ'ଙ୍କ ଅପୂର୍ବ ଲୀଳାକୁ ନେଇ ଭକ୍ତି ଭାବନାରେ ତିଆରି ହୋଇଥିବା ଚଳଚ୍ଚିତ୍ରଟି ଥିଲା 'ମା ଗୋଜବାୟାଣୀ' । ଲୋକପ୍ରିୟ ଅଭିନେତ୍ରୀ ଅନୁ ଚୌଧୁରୀ ବ୍ରାହ୍ମଣ ଘରର ଝିଅ ଭୂମିକାରେ ନିଜ ପ୍ରଥମ ଚଳଚ୍ଚିତ୍ର ହୋଇଥିଲେ ବି ବେଶ୍ ପ୍ରଭାବଶାଳୀ ଭୂମିକାରେ ପରଦାକୁ ଆସିଥିଲେ । ବଙ୍ଗୀୟ ଅଭିନେତ୍ରୀ ରଚନା ବାନାର୍ଜୀଙ୍କ 'ନାରୀ ବି ପିନ୍ଧିପାରେ ରକ୍ତସିନ୍ଦୂର' ଚଳଚ୍ଚିତ୍ରରେ ମା'ଙ୍କ ଶ୍ରେଷ୍ଠତା ଓ ଭକ୍ତଜନଙ୍କୁ ଆଶୀର୍ବାଦର କାହାଣୀ ଦେଖିବାକୁ ମିଳିଛି । ବଙ୍ଗୀୟ ନାୟିକା ଅନୁଶ୍ରୀଙ୍କୁ ନେଇ ଚଳଚ୍ଚିତ୍ର 'ସିଂହବାହିନୀ'ରେ ନାରୀର ଭିନ୍ନ ଭିନ୍ନ ରୂପ ପ୍ରତିପାଦିତ ହୋଇଛି । ପରଦାରେ ନାରୀ ଶକ୍ତି ସର୍ବୋପରି ନାରୀର ଅଧିକାର ସମ୍ପର୍କିତ କାହାଣୀ ଜନମାନସରେ ଦର୍ଶକଙ୍କ ଚିନ୍ତା ଚେତନାକୁ ପ୍ରଭାବିତ କରିବାରେ ସମର୍ଥ ହୋଇଛି ।

*ଗୋତରା, ମାହାଙ୍ଗା, କଟକ,*
*ଦୂରଭାଷ : ୯୪୩୭୧୪୨୭୧୭*

# 'ଯା ଦେବୀ ସର୍ବଭୂତେଷୁ ଶକ୍ତି ରୂପେଣ ସଂସ୍ଥିତା'


ଯଶସ୍ୱିନୀ ପଟ୍ଟନାୟକ

'ଯା ଦେବୀ ସର୍ବଭୂତେଷୁ ଶକ୍ତି ରୂପେଣ ସଂସ୍ଥିତା, ନମସ୍ତସୈ ନମସ୍ତସୈ ନମସ୍ତସୈ ନମୋ ନମଃ' ଶକ୍ତି ଉପାସକଙ୍କ ଦୃଷ୍ଟିରେ ମହାଶକ୍ତି ହେଉଛନ୍ତି ପରବ୍ରହ୍ମ ପରମାତ୍ମା । ସେ ସୃଜନ କରନ୍ତି, ପାଳନ କରନ୍ତି, ସଂହାର କରନ୍ତି । ସେ ଆଦ୍ୟା ମହାଶକ୍ତି । ତାଙ୍କର ସ୍ୱରୂପ ବିବିଧ । ସେ ନବଦୁର୍ଗା, ଦଶ ମହାବିଦ୍ୟା, ଅନ୍ନପୂର୍ଣ୍ଣା, କାତ୍ୟାୟନୀ, ଲଳିତାମ୍ବା, ଗାୟତ୍ରୀ, ଭୁବନେଶ୍ୱରୀ, କାଳୀ, ତାରା, ବଗଳା । ସେ ସଂହାର ପାଇଁ ମହାକାଳୀ, ବିଦ୍ୟା ଦାନ ପାଇଁ ସରସ୍ୱତୀ, ଧନ ପାଇଁ ମହାଲକ୍ଷ୍ମୀ । ମାର୍କଣ୍ଡେୟ ପୁରାଣରେ ଭଗବତୀଙ୍କୁ ଏହି ରୂପେ ସ୍ତୁତି କରାଯାଇଛି । ନବରାତ୍ରି ଅବସରରେ ପୂଜା ପାଉଥିବା ନଅ ଦେବୀ ନବଦୁର୍ଗା ଭାବେ ଖ୍ୟାତ । ଦେବୀ ମାହାତ୍ମ୍ୟ ଏବଂ ଦୁର୍ଗା ସପ୍ତସତୀରେ ସେମାନଙ୍କର କଥା ବର୍ଣ୍ଣିତ । ସେ ପାର୍ବତୀ ବା ହେମବତୀ ଭାବେ ମଧ୍ୟ ପରିଚିତ । ଦକ୍ଷକନ୍ୟା ସତୀ ପ୍ରଥମ ପୁନର୍ଜନ୍ମ ନେଇଥିଲେ ଶୈଳପୁତ୍ରୀ ଭାବେ । ଦ୍ୱିତୀୟ ପୁନର୍ଜନ୍ମ ନେଇଥିଲେ ହିମାଳୟପୁତ୍ରୀ ପାର୍ବତୀ ରୂପେ ଏବଂ ବିବାହ କରିଥିଲେ ମହାଦେବଙ୍କୁ । ଶୈଳପୁତ୍ରୀ ହେଉଛନ୍ତି ଶକ୍ତିଙ୍କ ପ୍ରଥମ ଅବତାର । ଦ୍ୱିତୀୟ ଦିନରେ ପୂଜା ପାଆନ୍ତି ମା'ବ୍ରହ୍ମଚାରିଣୀ । ତାଙ୍କର ଅନ୍ୟ ନାମଗୁଡ଼ିକ ହେଲା ଉମା, ଅପର୍ଣ୍ଣା ଏବଂ ତପଶ୍ଚାରିଣୀ । ବ୍ରହ୍ମଚାରିଣୀ ଅର୍ଥ ଚରମ ସତ୍ତାର ସାନ୍ନିଧ୍ୟ ପାଇବା ଲାଗି ସେ ସଦା ତପସ୍ୟାରତ । ତୃତୀୟ ଦିନରେ ଆରାଧନା କରାଯାଏ ମା'ଚନ୍ଦ୍ରଘଣ୍ଟାଙ୍କୁ । ମଥାରେ ଅର୍ଦ୍ଧଚନ୍ଦ୍ରଙ୍କୁ ଧାରଣ କରିଥିବାରୁ ସେ ହେଲେ ଚନ୍ଦ୍ରଘଣ୍ଟା । ଚତୁର୍ଥ ଦିନରେ ଆବାହନ କରାଯାଏ ମା'କୁଷ୍ମାଣ୍ଡାଙ୍କୁ । ସେ ଅଷ୍ଟଭୁଜା ଏବଂ ସମଗ୍ର ବିଶ୍ୱ ବ୍ରହ୍ମାଣ୍ଡର ସୃଷ୍ଟିକର୍ତ୍ରୀ । ନିଜ ହସ ଦ୍ୱାରା ସେ ଦୂର କରିଥିଲେ ଅନ୍ତହୀନ ଅନ୍ଧକାରକୁ ଏବଂ ଯାହା ଦ୍ୱାରା ସୃଷ୍ଟି ପର୍ବ ଆରମ୍ଭ ହୋଇଥିଲା । ପଞ୍ଚମ ଦିନରେ ପୂଜା ପାଆନ୍ତି ସ୍କନ୍ଦ ମାତା । ସେ ଦେବତାଙ୍କ ସେନାମୁଖ୍ୟ କାର୍ତ୍ତିକେୟ ବା ମୁରୁଗ ବା ସ୍କନ୍ଦଙ୍କ ମାତା । ସେ ହେଉଛନ୍ତି ସକଳ ମାତୃତ୍ୱର ପରିପ୍ରକାଶ ଏବଂ ସ୍ନେହଶୀଳ କ୍ଷମାମୟୀ । ଷଷ୍ଠ ଦିବସରେ ପୂଜା ପାଆନ୍ତି ମା'କାତ୍ୟାୟନୀ । କାତ୍ୟ ମୁନିଙ୍କ କନ୍ୟା ଭାବେ ଜାତ ହୋଇଥିବାରୁ ସେ କାତ୍ୟାୟନୀ । ସେ ଦୁର୍ଗାଙ୍କର କନ୍ୟା ସ୍ୱରୂପ । ସ୍ନେହ ଶ୍ରଦ୍ଧାର ପ୍ରତୀକ । ଅନ୍ୟଥା ଯେ ମାତୃ ଶକ୍ତିକୁ ମନ ମଧ୍ୟରେ ଅନୁଭବ କରି ନପାରେ ବା ଭଗବତୀ ଶକ୍ତି ରୂପିଣୀ 'ମା'ର ପୂଜା ନ କରେ ବ ତାହାର ଶୁଭ ଆଗମନରେ ଆନନ୍ଦ ଅନୁଭବ ନକରେ ସେ କଦାପି କର୍ମ ଶକ୍ତିର ଆନନ୍ଦକୁ ଉପଲବ୍ଧି କରିପାରିବ ନାହିଁ । ଫଳତଃ ସେ ସତ ପ୍ରକୃତିର ବଶବର୍ତ୍ତୀ ହେବା ପରିବର୍ତ୍ତେ ଅସତ୍ ପ୍ରକୃତିର ବଶବର୍ତ୍ତୀ ହୋଇଥାଏ । କର୍ମମୟ ଜୀବନରେ ଉତ୍ସାହ, ନିଷ୍ଠା, ପ୍ରେରଣା ପାଇବା ପରିବର୍ତ୍ତେ ନିରୁତ୍ସାହିତ, ଗ୍ଲାନି, ପରାଜୟ, କର୍ମକୁଣ୍ଠା ତଥା ହିଂସାର ଭାବକୁ ମନ ମଧ୍ୟରେ ସ୍ଥାନ ଦେଇଥାଏ । ଏଜଗତରେ ମାତୃଶକ୍ତି ହିଁ ଅପରାଜେୟ ଆଦ୍ୟାଶକ୍ତି ରୂପେ ଯୁଗେ ଯୁଗେ ସମ୍ବୋଧିତା । ପ୍ରତ୍ୟେକ ଦେବତାର ବୈଶିଷ୍ଟ୍ୟ ତାଙ୍କର ସ୍ୱତନ୍ତ୍ର କ୍ଷମତାରେ । ଅପରାଜେୟ ମାତୃଶକ୍ତିର ଅଧିକାରୀ ହେବାପାଇଁ ପ୍ରତିଟି ପ୍ରାଣରେ ମହାମାୟାଙ୍କ କରୁଣା ଅପରିହାର୍ଯ୍ୟ । ତେଣୁ ପବିତ୍ର ଆବିର୍ଭାବୋତ୍ସବ (ଶରତ କାଳରେ) ମାନବ ମାତୃଶକ୍ତିର ଉପାସନା କରିବା ପୂର୍ବକ ସେହି ଶକ୍ତିରେ ଶକ୍ତିମନ୍ତ ହୋଇ ଜୀବନକୁ କର୍ମ ଚଞ୍ଚଳ ଓ ଆନନ୍ଦ ମୁଖର କରିବା ବିଧେୟ । ଏହା ଏ ଜଗତରେ ଏକ ପ୍ରଚଳିତ ଧାରା । କେଉଁ ପ୍ରାଚୀନ କାଳରୁ ଏ ଧାରା ପ୍ରତିଟି ପ୍ରାଣରେ ପ୍ରବଳ ବେଗଗାମୀ ସ୍ରୋତସ୍ୱିନୀ ସମ ପ୍ରବାହିତ ହେଉଛି । ଦେବୀ ନିଜେ କହିଛନ୍ତି ଯେ, ଶରତ କାଳରେ ଯେ ମୋର ବର୍ଷକୁ ଭକ୍ତିପୂତ ଭାବରେ ଆରାଧନା କରି ଶ୍ରଦ୍ଧାର ସହିତ ମୋର ମହାତ୍ମ୍ୟକୁ ଶ୍ରବଣ କରନ୍ତି, ସେମାନେ ମୋର ପ୍ରସାଦରୁ ସକଳ ବିଘ୍ନକୁ ଅତିକ୍ରମ ପୂର୍ବକ ଧନ୍ୟ, ଧାନ୍ୟ, ସ୍ତ୍ରୀ, ପୁତ୍ର ଇତ୍ୟାଦି ଲାଭ କରନ୍ତି । 'ଶରତ କାଳେ ମହାପୂଜା କ୍ରୟତେ ଯାଚ ବାର୍ଷିକୀ, ତସ୍ୟା ମମୈ ତନ୍ମାହାତ୍ମ୍ୟଂ ଶ୍ରୁତ୍ୱାଭକ୍ତି ସମନ୍ୱିତଃ । ସର୍ବବାଧା ବିନିର୍ମୁକ୍ତୋ ଧନ୍ୟଧାନ୍ୟ ସୁତନ୍ୱିତଃ, ମହକ୍ଷ୍ୟୋ ମତ୍ ପ୍ରମାଦେନ ଭବିଷ୍ୟତିନ ସଂଶୟଃ ।'

*ଅଧକ୍ଷା, ନାଳନ୍ଦା ପବ୍ଲିକ ସ୍କୁଲ,*
*ସେକ୍ଟର-୮, ସିଡିଏ, କଟକ*

# ମୁକ୍ତି ସଂଗ୍ରାମ ଓ ଚୌଧୁରୀ ପରିବାର


ହିମାଂଶୁ ଶେଖର ଆଚାର୍ଯ୍ୟ

କୁହାଯାଏ-ପରିବାର ଜାଗିଲେ ଦେଶ ଜାଗିବ । ଇତିହାସ ପୃଷ୍ଠା ଲେଉଟାଇଲେ ଓଡ଼ିଶାର ଏମିତି କତିପୟ ପରିବାର ରହିଛି ଯେଉଁ ପରିବାରର ସ୍ୱତନ୍ତ୍ରତା ସ୍ପଷ୍ଟ ବାରି ହୋଇପଡ଼େ । ଏସବୁ ପରିବାରର ପ୍ରତ୍ୟେକ ସଦସ୍ୟ ଭିନ୍ନ ଭିନ୍ନ କ୍ଷେତ୍ରରେ ବା ବିଶେଷ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟକରି ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲିଟିଛନ୍ତି । ସେମାନଙ୍କର ତ୍ୟାଗ, ତିତିକ୍ଷା ଓ ବଳିଦାନ ଏବେବି ଅନତିକ୍ରମଣୀୟ ହୋଇରହିଛି ଓ କାଳ କାଳକୁ ରହିଥିବ ମଧ୍ୟ । ବିସ୍ମୃତିର ପାଣିକନା ସେମାନଙ୍କ କଥା ଓ ଗାଥାକୁ ପୋଛି ଦେଇପାରିବ ନାହିଁ । ଏହା ଅନସ୍ୱୀକାର୍ଯ୍ୟ । ଏମିତି ଏକ ପରିବାର ହେଉଛି ଓଡ଼ିଶାର ଚୌଧୁରୀ ପରିବାର । ଚୌଧୁରୀ ପରିବାରର ମୁଖିଆ ଥିଲେ ଗୋକୁଳାନନ୍ଦ ଚୌଧୁରୀ,ସେତେବେଳର ପ୍ରତିଷ୍ଠିତ ଆଇନଜୀବୀ ଓ ଜଗତସିଂହପୁରର ବିଶିଷ୍ଟ ଜମିଦାର । ଏହି ପରିବାରର ପ୍ରତ୍ୟେକ ସଦସ୍ୟ ଦେଶର ସ୍ୱରାଜ୍ୟ ପାଇଁ ନିଜକୁ ସମର୍ପି ଦେଇଥିଲେ, ଦେଶ ପାଇଁ ସେହିଭଳି ଅନନ୍ୟ ଉଦାହରଣ ସୃଷ୍ଟି କରିଯାଇଛନ୍ତି ।

ଗୋପବନ୍ଧୁ ଚୌଧୁରୀ-ଚୌଧୁରୀ ପରିବାରରେ ବଡ଼ପୁଅ ଗୋପବନ୍ଧୁ ଚୌଧୁରୀ । ଏହି ମହାନ୍ ଜନନାୟକ ୧୮୯୫ ମସିହା ମେ' ୮ତାରିଖ କଟକ ସହରରେ ସ୍ୱରାଜ ଆଶ୍ରମରେ ଜନ୍ମଗ୍ରହଣ କରିଥିଲେ । ତାଙ୍କର ପୈତୃକ ଜନ୍ମସ୍ଥାନ ଜଗତସିଂହପୁରର ଖେରସେ ଗ୍ରାମରେ ।ଗୋପବନ୍ଧୁ ଚୌଧୁରୀ ଥିଲେ ଜଣେ ମେଧାବୀ ଛାତ୍ର । ସେ କଟକରୁ ମାଧ୍ୟମିକ ଶିକ୍ଷା ସମାପ୍ତ କରି କଲିକତାରେ କୃତିତ୍ୱର ସହ ବି.ଏ. ଓ ଏମ୍.ଏ ପାଶ୍ କରିଥିଲେ । ପରେ କଲିକତାରେ ଆଇନ ପରୀକ୍ଷାର ପ୍ରଥମ ଭାଗରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତି ଯୋଗୁଁ ଆଇନ ପାଠ ଅସମାପ୍ତ ରଖି କଟକରେ ଡେପୁଟି ମାଜିଷ୍ଟ୍ରେଟ୍ ରୂପେ ଅବସ୍ଥାପିତ ହୋଇଥିଲେ । ମାତ୍ର ଏହି ଚାକିରି ତାଙ୍କୁ ଭଲ ଲାଗୁନଥିଲା । ଓଡ଼ିଆ ମାନଙ୍କ ପ୍ରତି ଇଂରେଜ ମାନଙ୍କ ତାଚ୍ଛଲ୍ୟ ବ୍ୟବହାର ତାଙ୍କୁ ବ୍ୟଥିତ କରି ପକାଇଥିଲା । ୧୯୨୦ ମସିହାରେ ଯେତେବେଳେ ଯାଜପୁର ଅ ଳରେ ଭୀଷଣ ନଈବଢ଼ି ସମୟରେ ବନ୍ୟା ବିଧ୍ୱସ୍ତ ଗ୍ରାମ ମାନଙ୍କୁ ଦେଖି ସେ କାନ୍ଦି ପକାଇଥିଲେ ଓ ସରକାରଙ୍କୁ ସାହାଯ୍ୟ ଯଥେଷ୍ଟ ନୁହେଁ ବୋଲି ଦାବି ଜଣାଇଥିଲେ । ସରକାର ଗୋପବନ୍ଧୁଙ୍କ ଦାବିକୁ ଆଗ୍ରାହ୍ୟ କରିଦେବାରୁ ବାଧ୍ୟ ହୋଇ ସେ ସରକାରୀ ଚାକିରିରୁ ଇସ୍ତଫା ଦେଇଥିଲେ । ଏହାପରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଦ୍ୱାରା ଉଦ୍‌ଘାଟିତ ଅଲକାଶ୍ରମର ତ ୍ୱାବଧାରକ ଦାୟିତ୍ୱନେଇଥିଲେ ସେ । ପରବ ୀ ପର୍ଯ୍ୟାୟରେସେ ଅସହଯୋଗ ଅନ୍ଦୋଳନ,ଲବଣ ସତ୍ୟାଗ୍ରହ ଓ ଭାରତଛାଡ ଅନ୍ଦୋଳନରେ ସାମିଲ ହୋଇ ଜେଲ୍ ଯାଇଥିଲେ ଓ କାରାବରଣ କରିଥିଲେ । ୧୯୪୭ ମସିହାରେ ଦେଶ ସ୍ୱାଧୀନ ହେଲା । ହେଲେ ଗୋପବନ୍ଧୁ ଚୌଧୁରୀ ଅନୁଭବ କଲେ ଯେ, ଏ ସ୍ୱରାଜ ଗାନ୍ଧିଜୀଙ୍କ ପରିକଳ୍ପିତ ସ୍ୱରାଜ ନୁହେଁ । ସେଥିପାଇଁ ସେ କ୍ଷମତା ରାଜନୀତିରୁ ଦୂରେଇ ଯାଇଥିଲେ । ବରୀକୁ ନିଜର କର୍ମକ୍ଷେତ୍ର ରୂପେ ବାଛି ନେଇଥିଲେ ଓ ଏଇଠି ଗଢ଼ି ଉଠିଥିଲା " ମାନବ ସେବା - ମାଧବ ସେବା "ର ଯଜ୍ଞବେଦୀ ବହୁ ଚର୍ଚ୍ଚିତ ବରୀ ଆଶ୍ରମ । ଏହି ମହାନ୍ ଜନନାୟକଙ୍କ ମହାପ୍ରୟାଣ ଘଟିଲା ୧୯୫୮ ମସିହା ଏପ୍ରିଲ ୨୯ ତାରିଖରେ । ରମାଦେବୀ (ଚୌଧୁରୀ): ରମା ଦେବୀ ଚୌଧୁରୀ ଥିଲେ ଏହି ପରିବାରର ବଡବୋହୂ ଓ ଧୂଳିମାଟିର ସନ୍ଥ ଗୋପବନ୍ଧୁ ଚୌଧୁରୀଙ୍କ ସହଧର୍ମିଣୀ । ସେ ହେଉଛନ୍ତି ଗୋପାଳ ବଲ୍ଲଭ ଦାସଙ୍କ ଝିଅ ଓ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଝିଆରୀ । ଏହି ମହୀୟସୀ ନାରୀନେତ୍ରୀ ୧୮୯୯ ମସିହା ଡିସେମ୍ବର ୩ ତାରିଖରେ କଟକ ଜିଲ୍ଲା ଅନ୍ତର୍ଗତ ସାଲେପୁର ଅ ଳର ସତ୍ୟଭାମାପୁର ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ । ୧୯୨୧ ମସିହା ମାର୍ଚ୍ଚ ମାସ ୨୧ ତାରିଖର କଥା । ରମାଦେବୀଙ୍କୁ ସେତେବେଳେ ମାତ୍ର ୨୨ ବର୍ଷ । ନାରୀମାନଙ୍କୁ ଜାତୀୟତା ମନ୍ତ୍ରରେ ଅଭିମନ୍ତ୍ରିତ କରିବା ପାଇଁ କଂଗ୍ରେସ ପକ୍ଷରୁ କଟକରେ ଏକ ମହିଳା ସଭାର ଆୟୋଜନ କରାଯାଇଥିଲା । ରମାଦେବୀ ଶାଶୁଙ୍କ ସହିତ ସେ ସଭାକୁ ଯାଇଥିଲେ । ଏହି ସଭାରେ ଗାନ୍ଧିଜୀ ଯୋଗଦେଇ ସମବେତ ମହିଳାଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ ଆପଣମାନେ ସୌଖୀନତାକୁ ବଡ଼ କରନ୍ତୁ ନାହିଁ । ଏହି ସ୍ମରଣୀୟ ଘଟଣା ତାଙ୍କ ଜୀବନର ଗତିପଥକୁ ବଦଳାଇ ଦେଇଥିଲା । ତାପରେ ରମାଦେବୀ ଦେଶ ସେବାରେ ନିଜକୁ ଉତ୍ସର୍ଗ କରି ଦେଇଥିଲେ । ୧୯୩୦ ମସିହା ମାର୍ଚ୍ଚ ୧୨ ତାରିଖରେ ମହାତ୍ମାଗାନ୍ଧୀ ଲବଣ ସତ୍ୟା ଗ୍ରହ ଓ ୧୯୩୪ ମସିହାରେ ଗାନ୍ଧିଜୀ ହରିଜନ ଯାତ୍ରା ଏହି ପଦଯାତ୍ରାରେ ଥିଲେ ମୀରାବେନ୍,ଭାବତୀ ଦେବୀ, ଗୋପବନ୍ଧୁ ଚୌଧୁରୀ ଓ ମା' ରମାଦେବୀ । ଗାନ୍ଧିଜୀ ରମାଦେବୀଙ୍କ ନେତୃତ୍ୱରେ ପରିଚାଳିତ ହାଇଥିବା ହରିଜନ ଯାତ୍ରା କାର୍ଯ୍ୟର ଉଚ୍ଚ ପ୍ରଶଂସା କରିଥିଲେ । ଏହା ପରେ 'ମାନବ ସେବାକୁ ମାଧବ ସେବା' ରୂପେ ଗ୍ରହଣ କରି ବରୀକୁ ନିଜର କର୍ମ କ୍ଷେତ୍ରରୂପେ ବାଛିନେଲେ ରମାଦେବୀ । ଏହି ମହୀୟସୀ ନାରୀନେତ୍ରୀଙ୍କର ତିରୋଧାନ ହେଲା ୧୯୮୫ ମସିହା ଜୁଲାଇ ୨୨ତାରିଖରେ । ନବକୃଷ୍ଣ ଚୌଧୁରୀ: ଚୌଧୁରୀ ପରିବାରର ସାନପୁଅ ନବକୃଷ୍ଣ ଚୌଧୁରୀ । ଏକାଧାରରେ ସେ ଜଣେ ବିପ୍ଲବୀ ଓ ଜନନାୟକ । ଏହି ମହାନ୍ ଜନନାୟକ ୧୯୦୧ ମସିହା ନଭେମ୍ବର ୨୩ ତାରଖରେ ଜନ୍ମଗ୍ରଷଣ କରିଥିଲେ । ୧୯୨୧ ମସିହାର କଥା । ସେତେବେଳେ ମହାତ୍ମାଗାନ୍ଧୀଙ୍କ ଡାକରାରେ ଅସହଯୋଗ ଆନ୍ଦୋଳନ ଆରମ୍ଭ ହୋଇଥାଏ ସମଗ୍ର ଦେଶରେ । ଗାନ୍ଧିଜୀଙ୍କ ଆହ୍ୱାନରେ ଯେଉଁ କଲେଜ ଛାତ୍ରମାନେ ପାଠପଢ଼ା ଛାଡି ଅସହଯୋଗ ଆନ୍ଦୋଳନରେ ଯୋଗଦେଲେ ସେମାନଙ୍କ ଭିତରୁ ଜଣେ ଥିଲେ ନବକୃଷ୍ଣ ଚୌଧୁରୀ ।୧୯୨୩ ମସିହାରେ ନବକୃଷ୍ଣ ସାବରମତୀ ଯାତ୍ରା କଲେ ଓ ସେଠାରେ କିଛିଦିନ ରହିଲେ । ଏହି ଆଶ୍ରମର ରହଣି ତାଙ୍କ ଜୀବନର ଗତିପଥକୁ ସମ୍ପୂର୍ଣ୍ଣ ରୂପେ ବଦଳାଇ ଦେଲା ।ପରବ ୀ ପର୍ଯ୍ୟାୟରେ ତାହା ରୂପାନ୍ତରିତ ହୋଇଥିଲା 'ତରି ଆଶ୍ରମ' ରୂପେ । ସେଇ ଆଶ୍ରମରୁ ସେ ସାମିଲ ହୋଇଥିଲେ ଲବଣ ସତ୍ୟାଗ୍ରହରେ । ବାଲେଶ୍ୱରର 'ଇ ୂଡ଼ି' ଠାରେ ଲବଣ ମାରି ବନ୍ଦୀ ହେଲେ ନବକୃଷ୍ଣ । ଜେଲରୁ ଫେରି ସେ ତରି ଆଶ୍ରମରେ ଏକଜୁଟ କଲେ ଖଟିଖିଆ, ମେହନତି ମଣିଷ ଓ ଚାଷୀମାନଙ୍କୁ । ସେମାନଙ୍କୁ ସଚେତନ କରିବା ପାଇଁ ନିଜ ସ୍ତ୍ରୀର ଗହଣା ବିକି ୧୯୩୩ ମସିହାରେ 'ସାରଥୀ' ନାମକ ଏକ ମୁଖପତ୍ର ପ୍ରକାଶ କଲେ । ଏହି ପତ୍ରିକାର ମୁଖବନ୍ଧରେ ଲେଖାଥିଲା - 'ଦୁନିଆର ସବୁ ଶ୍ରମିକ ଏକ ହୁଅ' । ୧୯୫୬ ମସିହା ଅକ୍ଟୋବର ମାସରେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବାପରେ ସେ ସହଧର୍ମିଣୀ ମାଳତୀ ଚୌଧୁରୀଙ୍କ ସହ ନିଜକୁ ଶେଷ ଜୀବନ ପର୍ଯ୍ୟନ୍ତ ନିୟୋଜିତ କରିଥିଲେ ଅନୁଗୁଳ ଠାରେ ଥିବା ବାଜିରାଉତ ଛାତ୍ରାବାସରେ ଯାହାକୁ ସେ ମୁକ୍ତି ସଂଗ୍ରାମର ଶହୀଦ ବୀର ବାଜି ରାଉତଙ୍କ ସ୍ମୃତି ଉଦ୍ଦେଶ୍ୟରେ ପ୍ରତିଷ୍ଠା କରିଥିଲେ ୧୯୪୬ ମସିହାରେ । ଦୀର୍ଘ ୮୩ ବର୍ଷର ସମର୍ପିତ ଜୀବନର ଅନ୍ତ ହେଲା ୧୯୮୪ ମସିହା ଜୁନ୍୨୪ ତାରିଖରେ । ମାଳତୀଦେବୀ(ଚୌଧୁରୀ): ଏହି କିମ୍ବଦନ୍ତୀ ମହିଳା ୧୯୦୪ ମସିହା ଜୁଲାଇ ୨୬ ତାରିଖରେ କଲିକତା ସହରରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତା ଥିଲେ ସେତେବେଳର ପାଟନା ହାଇକୋର୍ଟର ସୁନାମଧନ୍ୟ ବାରିଷ୍ଟର କୁମୁଦନାଥ ସେନ୍ । ୧୯୨୭ ମସିହା ଜୁଲାଇ ୨୭ ତାରିଖରେ ବଙ୍ଗୀୟ ବ୍ରାହ୍ମକନ୍ୟା ମାଳତୀ ନବକୃଷ୍ଣ ଚୌଧୁରୀଙ୍କୁ ବିବାହ କଲାପରେ ତାଙ୍କର ଜୀବନର ଗତିପଥ ବଦଳି ଯାଇଥିଲା । ଏହାପରେ ସେ ମାଳତୀ ସେନ୍‌ରୁ ମାଳତୀ ଚୌଧୁରୀ ହୋଇ ଏକ ମହାନ ବିପ୍ଳବିଣୀ ମହିଳା ରୂପେ ଆତ୍ମପ୍ରକାଶ କରିଥିଲେ । ଦାମ୍ପତ୍ୟ ସୁଖକୁ ପଛରେ ପକାଇ ମାଳତୀ ଚୌଧୁରୀ ଜମିଦାର ଉଆସ ଛାଡି ତରିକୁନ୍ଦ ଠାରେ ଥିବା କୃଷି ଫାର୍ମରେ ଯାଇ ରହିଲେ । ୧୯୩୦ ମସିହା ମାର୍ଚ୍ଚ ୧୨ ତାରିଖରେ ମହାତ୍ମାଗାନ୍ଧୀ ଲବଣ ସତ୍ୟାଗ୍ରହ ଓ ୧୯୪୨ ମସିହା ଭାରତଛାଡ଼ ଆନ୍ଦୋଳନରେ ଯୋଗଦେବାରୁ ବ୍ରିଟିଶ୍ ସରକାର ତାଙ୍କୁ ଅଟକବନ୍ଦୀ କରି ରଖିଥିଲେ । ସେତିକିବେଳେ ତାଙ୍କ ବଡଝିଅ ଉ ରା ମାତ୍ର ୧୫ ବର୍ଷ ବୟସରେ ଭାରତଛାଡ ଆନ୍ଦୋଳନରେ ଯୋଗଦେଇ କାରାବରଣ କରିଥିଲେ । ଜଣେ ବିପ୍ଳବିଣୀ ଭାବେ ଦେଶର ସ୍ୱାଧୀନତା ଆନ୍ଦୋଳନରେ ସାମିଲ୍ ହେବା ସହିତ ସମାଜରୁ ଦୁର୍ନୀତି, ଅନ୍ଧବିଶ୍ୱାସ ଓ କୁସଂସ୍କାର ଦୂର କରିବାରେ ମାଳତୀ ଦେବୀଙ୍କ ଦୃଢତା ତାଙ୍କୁ ଓଡ଼ିଶା ଇତିହାସରେ ସ୍ୱତନ୍ତ୍ର ସ୍ଥାନ ଦେଇଛି। ଶେଷ ନିଶ୍ୱାସ ତ୍ୟାଗ ପର୍ଯ୍ୟନ୍ତ ସେ ନିଜ ସ୍ୱାମୀ ନବକୃଷ୍ଣ ଚୌଧୁରୀଙ୍କ ସହିତ ମିଶି ଦରିଦ୍ର ନିଷ୍ପେଷିତ ଓ ଆଦିବାସୀ ଜନତାଙ୍କ ସେବାରେ ନିଜକୁ ଉତ୍ସର୍ଗ କରିଥିଲେ । ୧୯୯୮ ମସିହା ମାର୍ଚ୍ଚ ୧୫ ତାରିଖରେ ଏହି ମହୀୟସୀ ମହିଳା ଶେଷ ନିଶ୍ୱାସ ତ୍ୟାଗ କରିଥିଲେ ବାଜିରାଉତ ଛାତ୍ରାବାସରେ । ଅନ୍ନପୂର୍ଣ୍ଣା ଚୌଧୁରୀ (ମହାରଣା) : ଅଗ୍ନିକନ୍ୟା ଅନ୍ନପୂର୍ଣ୍ଣା ମହାରଣା ଗୋପବନ୍ଧୁ ଚୌଧୁରୀ ଓ ମା ରମାଦେବୀଙ୍କ ଝିଅ । ପରେ ସେ ପ୍ରବୀଣ ଶିକ୍ଷାବିତ ଶରତ ଚନ୍ଦ୍ର ମହାରଣାଙ୍କ ସହଧର୍ମିଣୀ ହୋଇଥିଲେ । ୧୯୧୭ ମସିହା ନଭେମ୍ବର ୩୦ ତାରିଖରେ ସେ ଜନ୍ମଗ୍ରହଣ କରିଥିଲେ । ମାତ୍ର ୧୩ ବର୍ଷ ବୟସରୁ ସ୍ୱରାଜ ଆଶ୍ରମରେ ସ୍ୱାଧୀନତା ଆଣିବାର ଶପଥ ନେଇ ବାନରସେନାରେ ସାମିଲ ହୋଇ ସେ ସମୟରେ ଜେଲ୍ ଯାଇଥିଲେ ।୧୯୩୪ ମସିହାରେ ଗାନ୍ଧିଜୀ ଆରମ୍ଭ କରିଥିବା ହରିଜନ ପଦଯାତ୍ରାରେ ସେ ସହଯୋଗୀ ଥିଲେ । ବରୀରେ ହରିଜନ ସେବା, ନିଶା ନିବାରଣ, ମୌଳିକ ଶିକ୍ଷା, ଖଦୀ, ଗ୍ରାମ ସଫେଇ ଭଳି ରଚନାତ୍ମକ କାର୍ଯ୍ୟରେ ନିଜକୁ ନିୟୋଜିତ କରିଥିଲେ । ଆଦିବାସୀ ପିଲାଏ ଶିକ୍ଷିତ ହୋଇ ନିଜ ଜାତିକୁ ଶିକ୍ଷିତ କରାଇବେ ଏହାଦ୍ୱାରା ସମାଜର ମଙ୍ଗଳ ହେବବୋଲି ଏକଥା ମର୍ମେ ମର୍ମେ ଅନୁଭବ କରିଥିଲେ ଅନ୍ନପୂର୍ଣ୍ଣା । ୧୯୩୦ ମସିହାରୁ ୧୯୪୫ ମସିହା ମଧ୍ୟରେ ପ୍ରାୟ ନଅ ଥର ବନ୍ଦୀହୋଇ କାରାବରଣ କରିଥିଲେ ।୨୦୧୨ ମସିହା ଡିସେମ୍ବର ୩୧ତାରିଖ ଦିନ ସେ ଚାଲି ଯାଇଛନ୍ତି ଅଫେରା ରାଇଜକୁ । ଏଥିସହିତ ଗୋପବନ୍ଧୁ ଚୌଧୁରୀ ଓ ରମାଦେବୀଙ୍କ ପୁଅ ସଂଗ୍ରାମୀ ମନମୋହନ ଚୌଧୁରୀ, ଜ୍ୱାଇଁ ଶରତ ଚନ୍ଦ୍ର ମହାରଣା, ନବକୃଷ୍ଣ ଚୌଧୁରୀ ଓ ମାଳତୀଦେବୀଙ୍କ ବଡ ଝିଅ ବିଦ୍ରୋହିଣୀ ଉ ରା ଚୌଧୁରୀ (ଦେଶାଇ) ଓ ଜ୍ୱାଇଁ ନାରାୟଣ ଦେଶାଇ, ସାନ ଝିଅ କ୍ରିଷ୍ଣା ଚୌଧୁରୀ (ମହାନ୍ତି) ଓ ସାନ ଜ୍ୱାଇଁ ବିଭୂତି ଭୁଷଣ ମହାନ୍ତି ମଧ୍ୟ ଚୌଧୁରୀ ପରିବାରର ଆଦର୍ଶରେ ଅନୁପ୍ରାଣିତ ହୋଇ ମୁକ୍ତି ସଂଗ୍ରାମରେ ନିଜକୁ ଝାସ ଦେଇ ଅନେକ ବାର କାରାବରଣ କରିଥିଲେ । ହେଲେ ଏମାନଙ୍କ ଜୀବନର ତ୍ୟାଗ, ବଳିଦାନ, ଓ ଜୀବନାଦର୍ଶ ଇତିହାସର ପାଣ୍ଡୁଲିପି ହୋଇ ରହିଛି । ସେ ପାଣ୍ଡୁଲିପିକୁ ପଢିବାର ଅଛି ଓ ତାର ସାରମର୍ମକୁ ଉ ରପିଢ଼ିଙ୍କ ପାଖରେ ପହ ାଇବାର ଅଛି । ସେ ଦାୟିତ୍ୱ ଆମ ସମସ୍ତଙ୍କର ।

*ସଭାପତି*
*ସାରସ୍ୱତ ପରିଷଦ,ଜଗତସିଂହପୁର*
*ମୋ-୯୯୩୭୧୫୧୦୫୨*

# ଦୁର୍ଗେ ଦୁର୍ଗତି ନାଶିନୀ


ଡକ୍ଟର ତପନ କୁମାର ପାଳ

ନବ ନିଜର ଶାନ୍ତି ପାଇଁ ତଥା ସତ୍ ଉପାୟରେ ଟିକିଏ ଆନନ୍ଦ ପାଇଁ ତିଥି-ବାରକୁ ନେଇ ପାଳନ କରେ ଅନେକ ପର୍ବପର୍ବାଣି । ବର୍ଷର ଗୋଟିଏ ନିର୍ଦ୍ଦିଷ୍ଟ ସମୟରେ ପାଳିତ ହୁଏ ନିର୍ଦ୍ଦିଷ୍ଟପର୍ବ । ସେହିପରି ଦୁର୍ଗାପୂଜାର ତିଥି । କେଉଁ ପ୍ରାଚୀନକାଳରୁ ଅନୁଷ୍ଠିତ ହୋଇଆସୁଛି ଦୁର୍ଗାପୂଜା । ଦୁର୍ଗାପୂଜା କେତେକ ସ୍ଥାନରେ ୧୬ଦିନ ଧରି ପାଳିତ ହେଉଥିବାବେଳେ କେତେକ ସ୍ଥାନରେ ଷଷ୍ଠୀଠାରୁ ଦଶମୀ ପର୍ଯ୍ୟନ୍ତ ପା ଦିନ ବ୍ୟାପୀ ପାଳିତହୁଏ । ଏହି ପା ଦିନିଆପୂଜାରେ ବହୁ ବିଧି ଓ ନୀତିନିୟମ ଥିଲେ ହେଁ ସବୁରି ଭିତରେ ରହିଛି ଗୋଟିଏ ତାତ୍ତ୍ୱିକ ଓ ଗୂଢ଼ ରହସ୍ୟ । ସେ ସବୁକୁ ଗୋଟିଗୋଟିକରି ଆଲୋଚନା କରାଗଲେ ଏହି ସ୍ପଷ୍ଟୀକରଣ ମିଳିବ ଯେ ଦୁର୍ଗାପୂଜା ମାତୃଜାତିର ପୂଜା । ପ୍ରକୃତିରପୂଜା । ଦୁର୍ଗାଙ୍କ ନିକଟରେ ଥିବା ପାର୍ଶ୍ୱ ଦେବଦେବୀବୃନ୍ଦ ଆଉ କେହି ନୁହନ୍ତି; ସମସ୍ତେ ପ୍ରକୃତିର ଗୋଟିଏ ଗୋଟିଏ ଅଂଶ ।

ପ୍ରଥମେ ଷଷ୍ଠୀର ତିଥିର ବୋଧନକୁ ଲକ୍ଷ୍ୟକରାଯାଉ । ପନ୍ଦରଟି ତିଥିକୁ ପାଞ୍ଚ ପାଞ୍ଚ କରି ୩ଭାଗ କରାଯାଏ । ଯଥା ନନ୍ଦା, ଭଦ୍ରା, ଜୟା, ରିକ୍ତା ଓ ପୂର୍ଣ୍ଣା । ଚେତନାରେ ତିନୋଟି ଭୂମିରେ ଏହି ମାନେ ହେଲେ ତିନୋଟି ପଞ୍ଚକ । ପ୍ରଥମ ଭୂମିରେ ଆମ୍ଭମାନଙ୍କର ଆତ୍ମ ଚୈତନ୍ୟଥାଏ । ଏହା ଜାଗ୍ରତ ଅବସ୍ଥାରେ ନଥାଏ କିନ୍ତୁ ଶକ୍ତି ଜାଗିଥାଆନ୍ତି ଏବଂ ତିଥି ବାର କର୍ମ ଠିକ୍ ଭାବରେ ଚାଲିଥାଏ । ଏ ସମସ୍ତ କାର୍ଯ୍ୟ ଆମ ଅଗୋଚରରେ ହୋଇଥାଏ । ଯେପରି ଏହା ଶୈଶବ ଅବସ୍ଥା । ଦ୍ୱିତୀୟ ଅବସ୍ଥାରେ ଆମର ଆତ୍ମଚୈତନ୍ୟ ଜାଗ୍ରତ ହୁଏ । ସାଧନା ସେହିଠାରୁ ଆରମ୍ଭ ହୁଏ । ଯେତେବେଳେ ବୋଧନ ହେବା ଉଚିତ୍ । ଷଷ୍ଠୀ ତିଥି ନନ୍ଦା । ଦେବୀ ନନ୍ଦା ବା ଆନନ୍ଦମୟୀ ସେତେବେଳେ ବାଳିକା । ଭଦ୍ରା ତିଥିରେ ସେ ସୁମଙ୍ଗଳା, କୈଶୋରୀ । ଜୟା ତିଥିରେ ତାଙ୍କର ଶକ୍ତିରୂପର ପ୍ରକାଶ । ସେ ତରୁଣୀ । ରିକ୍ତାରେ ସେ ଯୋଗିନୀ । ପୂର୍ଣ୍ଣାରେ ସେ ସମର୍ଥା ଯୁବତୀ । ଷଷ୍ଠୀଠାରୁ ଦଶମୀ ପର୍ଯ୍ୟନ୍ତ ତାଙ୍କର ଆରାଧନା ଏହିଭାବ ଧରି କରାଯାଏ । ବିଲ୍ୱମୂଳରେ ବୋଧନ କାହିଁକି କରାଯାଏ !ଶାସ୍ତ୍ରରେ କେତେଗୁଡ଼ିଏ ଦିବ୍ୟ ବୃକ୍ଷର ପ୍ରମାଣ ରହିଛି । ପୁରୁଷଙ୍କ ନିମିତ୍ତ ସେହି ବୃକ୍ଷକୁ ବ୍ରହ୍ମବୃକ୍ଷ ଓ ପ୍ରକୃତି ବା ଶକ୍ତି ନିମିତ୍ତ ସେହି ବୃକ୍ଷକୁ କୁଳବୃକ୍ଷ ବୋଲି କୁହାଯାଏ । କିନ୍ତୁ ବିଲ୍ୱକୁ ଉଭୟ ବ୍ରହ୍ମବୃକ୍ଷ ଓ କୁଳବୃକ୍ଷ ବୋଲି କୁହାଯାଏ । ବାସ୍ତବରେ ଦେବୀଙ୍କର ମୃଣ୍ମୟୀ ମୂର୍ତ୍ତିର ପୂଜାର୍ଚ୍ଚନା ଯେମିତି ଭାବଗର୍ଭକ ସେହିପରି ମନ୍ତ୍ର ମୂର୍ତ୍ତିର ଜ୍ଞାନ ମଧ୍ୟ ଜରୁରୀ । ଦେବୀଙ୍କର ଯେଉଁ ମନ୍ତ୍ରମୂର୍ତ୍ତି ତାହା ଉର୍ଦ୍ଧ୍ୱ ତ୍ରିକୋଣ ଓ ଅଧଃ ତ୍ରିକୋଣ ଦୁଇଟିର ସମନ୍ୱୟରେ ଗଠିତ ହୁଏ । ମୁଖମଣ୍ଡଳରୁ ତୃତୀୟନୟନକୁ ମୋଟ ଉର୍ଦ୍ଧ୍ୱବିନ୍ଦୁ ଓ ଦୁଇଟି ସ୍ତନକୁ ଦୁଇଟି ସମତଳ ଅଧୋବିନ୍ଦୁକୁ କଳ୍ପନା କରି ଯେଉଁ ତ୍ରିକୋଣହୁଏ ତାହା ଉର୍ଦ୍ଧ୍ୱତ୍ରିକୋଣ । ଏହା ଅଗ୍ନିରୂପ । ଯୋନି ଅଧଃତ୍ରିକୋଣ । ଏହା ତାଙ୍କର ସୋମ(ଚନ୍ଦ୍ର) ରୂପ । ବିଲ୍ୱବୃକ୍ଷର ପତ୍ର ତ୍ରିଶାଖା । ଦୂର୍ବା ତ୍ରିଶୂଳ ଭଳି । ଏହା ହେଲା ଯୋନିର ପ୍ରତୀକ । ବିଲ୍ୱଫଳ ସ୍ତନର ପ୍ରତୀକ । ମୁଖକୁ ବୃକ୍ଷର ଅଗ୍ରଭାଗରୂପେ କଳ୍ପନାକରାଯାଏ । ତେଣୁ ବିଲ୍ୱବୃକ୍ଷରେ ଉର୍ଦ୍ଧ୍ୱ ଏବଂ ଅଧଃ ଦୁଇଟି ତ୍ରିକୋଣର ସମାହାର ଦେଖାଯାଇଥାଏ । ଏହି ବୃକ୍ଷ କ କବୃକ୍ଷ ବୋଲି ସ୍ପର୍ଶ କରିବା କଷ୍ଟ । ଦେବୀ ଆଗମ୍ୟାକୁମାରୀ । ଏହା ତାଙ୍କର ବ୍ରହ୍ମଭାବ । ଏହି ବୃକ୍ଷରେ ଅଗ୍ନି ଓ ସୋମର ବ୍ରହ୍ମ ଏବଂ ଶକ୍ତିର ସମନ୍ୱୟ ହୋଇଛି ବୋଲି ଏହି ବୃକ୍ଷକୁ ସ୍ୱଦେହ ଭାବନା କରି ତା'ର ମୂଳରେ ଅର୍ଥାତ୍ ମୂଳାଧାରରେ ଦେବୀଙ୍କର ବୋଧନ କରାଯାଏ । ଏହା ହେଲା ବୋଧନର ରହସ୍ୟ । ଦୁର୍ଗା ପୌରାଣିକ ଦେବୀ । ପୁରାଣ ବେଦରୁ ଭିନ୍ନ ନୁହେଁ । ଏହି ଦେବୀ ବେଦରେ ଅତିଥି ତନ୍ତ୍ରରେ ସେ ମହାଶକ୍ତି ବା ମହାମାୟା । ପ୍ରଥମ ଚରିତ୍ରରେ ବିଷ୍ଣୁମାୟା ବିଷ୍ଣୁ ଆଦିତ୍ୟ ବିଷ୍ଣୁ ଦେବଃ ଦେବ ବିଷ୍ଣୁମାୟା । ଏହାଙ୍କୁ ଭଗ ନାମରେ ପରିଚିତ କରାଯାଏ । ଭଗରୁ ଭଗବାନ ଶବ୍ଦ ଆସିଛି । ତହିଁରୁ ଭାଗବତ୍ ସମ୍ପ୍ରଦାୟ । ଅସୁର ଅବିଦ୍ୟା । ଅବିଦ୍ୟାର ନାଶ ଦେବକୃତ୍ୟ । ଦେବୀ ଦୁର୍ଗାଙ୍କ ମଧ୍ୟରେ ଆମ୍ଭେମାନେ ଅସୁରଘାତିନୀ ମହାଶକ୍ତିଙ୍କର ପୂଜାକରୁ । ଏହା ଅତି ପ୍ରାଚୀନ । 'ଭଗ' ନାମରେ ଯେଉଁ ଆଦିତ୍ୟ ତାଙ୍କର ଦୁଇଟି ପତ୍ନୀଙ୍କ କଥା ବେଦରେ ଅଛି । ଶ୍ରୀ ଏବଂ ଲକ୍ଷ୍ମୀ । ଶ୍ରୀ ସରସ୍ୱତୀ ବା ପ୍ରଜ୍ଞା । ଏହି ପ୍ରଜ୍ଞା ଏବଂ ଲକ୍ଷ୍ମୀ ମଧ୍ୟ ଦେବୀଙ୍କର ବଭୂତି ରୂପରେ ତାଙ୍କ ନିକଟରେ ସ୍ଥାନ ପାଇଛି । କୁମାର ଅଗ୍ନିର ଗୋଟିଏ ବିଶେଷଣ । କୁମାର ହେଉଛି କାର୍ତ୍ତିକଙ୍କର ଅନ୍ୟନାମ । କୃତ୍ତିକା ନକ୍ଷତ୍ର, ଅଗ୍ନି ନକ୍ଷତ୍ର, ଦେଖିବାକୁ ଅଗ୍ନିପୁଞ୍ଜ ସଦୃଶ । ସମ୍ବତ୍ସରର ଆଦି ବେଳ ଗଣା ହୁଏ ବୋଲି ଦେବାଦି ଅଗ୍ନି ତା'ର ଅଧିଷ୍ଠାତା । ଅଗ୍ନିର ଶକ୍ତି ବାକ୍ ତେଣୁ ବାଚସ୍ପତି ଅଗ୍ନିର ଅନ୍ୟଏକ ନାମଅଟେ । ବୃହସ୍ପତି ହିଁ ଋକ୍ ସଂହିତାରେ ଗଣପତି ବୋଲି ପରିଚିତ । ସେ ହିଁ ପୁରାଣରେ ଗଣେଶ । ଦେବୀ ଯଦି ଅଦିତି ହୋଇଥାଆନ୍ତି ଆଦିତ୍ୟମଣ୍ଡଳ ତାଙ୍କର ପ୍ରତ୍ୟକ୍ଷ ଦୃଷ୍ଟ ପ୍ରତିରୂପ ହୋଇଥାଏ । ବୃତ୍ର ବା ଅନ୍ଧକାର ନାଶ ଯଦି ତାଙ୍କର ପ୍ରଧାନ କର୍ତ୍ତବ୍ୟ ହୋଇଥାଏ, ତାହାହେଲେ ତାଙ୍କର ଦଶଭୁଜା ହେବାର ତାତ୍ପର୍ଯ୍ୟ ବୁଝିହୁଏ । ଆଦିତ୍ୟଙ୍କର କିରଣକୁ କର କୁହାଯାଏ । ଗୋଟିଏ ବିମ୍ବରୁ କର ଗୁଡ଼ିକ ଚାରିଦିଗକୁ ଖେଳିଯାଉଛି । ହିନ୍ଦୁମାନଙ୍କର ଦେବତାଙ୍କର ବହୁକର । କିନ୍ତୁ ବହୁ ଚରଣ ନୁହେଁ । ଦେବତା ଯଦି ପୁଞ୍ଜଜ୍ୟୋତି ତାହାହେଲେ ତାଙ୍କର କିରଣଗୁଡ଼ିକ କର ବା ହସ୍ତ । ପୁନଶ୍ଚ ଦଶଭୁଜା ଦୁର୍ଗା ଆଦିତ୍ୟ ବିମ୍ବଙ୍କର ଶିଳ୍ପ ସମ୍ଭୂତ ରୂପ । ଅଗ୍ନି ଶକ୍ତିର ଦୁଇଟି ରୂପ । ଗୋଟିଏ କର୍ମ ଓ ଅନ୍ୟଟି ପ୍ରଜ୍ଞା । କର୍ମଦ୍ୱାରା ଅସୁର ବଧ ହେଲାବେଳେ ପ୍ରଜ୍ଞାଦ୍ୱାରା କାର୍ତ୍ତିକ ଓ ଗଣପତିଙ୍କ ପରିଚୟ ମିଳେ । ଆଦିତ୍ୟଙ୍କର ପ୍ରଜ୍ଞା ଓ ଆନନ୍ଦ ଶକ୍ତି ସରସ୍ୱତୀ ଏବଂ ଲକ୍ଷ୍ମୀଙ୍କ ମଧ୍ୟରେ ଦେବୀ ଅଦିତି ବା ମହାଶକ୍ତି ଦେବୀଙ୍କର ରୂପ ହିରଣ୍ମୟୀ ଓ କାଳୀ । ବେଦରେ ଅଦିତି ପୃଥିବୀ ସେ ହିରଣ୍ୟବକ୍ଷାଃ । ତାଙ୍କର ଦୁଇଟି ମିଥୁନରୂପ । ଶିବ ଶକ୍ତି ଓ କୃଷ୍ଣ ରାଧା । ସଗୁଣ ଓ ନିର୍ଗୁଣଭାବ ରହିଛି । ନିର୍ଗୁଣ ଦଶା ଶିବ ଓ ସଗୁଣ ଦଶା ହେଉଛି ଗୌରୀ । ପ୍ରେମର ନିର୍ଗୁଣ ଦଶା ରାଧା । ସଗୁଣ ଦଶା କୃଷ୍ଣ ଅଟନ୍ତି । ଗୌରୀ ଦୁର୍ଗା ହୋଇ ଅସୁର ବଧ କରୁଛନ୍ତି ଶିବ ସାକ୍ଷୀ ରୂପ ହୋଇ ଦେଖୁଛନ୍ତି । ସେହିପରି ଶ୍ରୀକୃଷ୍ଣ କୁରୁ କ୍ଷେତ୍ରରେ ଦୁଷ୍କୃତ ବିନାଶନ କାଳରୂପରେ ଆବିର୍ଭାବ ହୋଇଥାଆନ୍ତି । ନେପଥ୍ୟେ ରାଧା ବୃନ୍ଦାବନରେ ସମାହିତା ଏଣୁ ଦୁର୍ଗା ଓ କୃଷ୍ଣ ଗୋଟିଏ ତତ୍ତ୍ୱ ।

*ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ, ଷ୍ଟାଫ କଲୋନୀ, ଦେଉଳ ସାହି, ତୁଳସୀପୁର, କଟକ,*

# ହାର୍ଟ ଆଟାକ ପୂର୍ବ ସଙ୍କେତ ଓ ଉପଚାର


ଡାକ୍ତର ଚନ୍ଦ୍ରକାନ୍ତ ମିଶ୍ର

ପ୍ରବଳ ଗ୍ରୀଷ୍ମ ତାତି ଦିନକୁ ଦିନ ସମସ୍ତଙ୍କୁ ଅସ୍ତବ୍ୟସ୍ତ କରିଦେଉଛି । ଶରୀରର ଗୁରୁତ୍ୱପୂର୍ଣ୍ଣ ଅଙ୍ଗ କୁହାଯାଉଥିବା ଆପଣଙ୍କ ହୃଦୟକୁ ଆପଣ ନିଶ୍ଚିନ୍ତ ଭଲ ପାଉଥିବେ ଆଉ ଯତ୍ନ ନେଉଥିବେ ବୋଲି ମୁଁ ଜାଣିଛି । ତେବେ ଆମ୍ଭ ମାନଙ୍କ ଭିତରେ ଦିନକୁ ଦିନ ସଚେତନତା ବଢୁଥିଲେ ମଧ୍ୟ ଅନିୟମିତ ଦିନଚର୍ଯ୍ୟା ଓ ଭୁଲ ଖାଦ୍ୟପେୟ ହିଁ ହୃଦରୋଗ ଆଶଙ୍କାକୁ ବଢ଼ାଇ ଦେଇଛି । ପୂର୍ବରୁ ୫୦ ବର୍ଷ ଟପିଲେ ଲୋକଙ୍କୁ ହୃଦ ସମସ୍ୟା ଦେଖାଦେଉଥିଲା କିନ୍ତୁ ଏବେ ଅଳ୍ପ ବୟସରୁ ଲୋକେ ହାର୍ଟ ଆଟାକର ଶିକାର ହେଉଛନ୍ତି । ହେଲେ ହାର୍ଟ ଆଟାକ ଆସିବା ପୂର୍ବରୁ କିଛି ଲକ୍ଷଣ ଦେଖାଦେଇଥାଏ । ଏହି ଲକ୍ଷଣକୁ ଆଦୌ ଅଣଦେଖା କରନ୍ତୁ ନାହିଁ । ଏହିସବୁ ଲକ୍ଷଣ ଦେଖାଦେବା କ୍ଷଣି ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ ଓ ଉପଚାର କରିବା ଦ୍ୱାରା ଆପଣ ସୁସ୍ଥ ଜୀବନ ବ୍ୟତୀତ କରିବେ । ଆସନ୍ତୁ ଜାଣିବା ହାର୍ଟ ଆଟାକ ପୂର୍ବ ସଙ୍କେତ କ'ଣ ସବୁ ରହିଛି ।

ଛାତିରେ ଯନ୍ତ୍ରଣା : ଯଦି ଆପଣଙ୍କ ଛାତିରେ ଖୁବ ଜୋରରେ ଯନ୍ତ୍ରଣା ହେଉଛି । ଶରୀର ଭାରି ଅନୁଭବ କରୁଛନ୍ତି । ନିଶ୍ୱାସ ନେବାରେ କଷ୍ଟ ଅନୁଭବ କରୁଛନ୍ତି ତେବେ ଏହା ହୃଦୟ ସମ୍ବନ୍ଧୀୟ ସମସ୍ୟା । ଆପଣ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ ।

ବ୍ଲୋଟିଂ : ଯଦି ବିନା କାରଣରେ ଆପଣଙ୍କୁ ଅସହଜ ଲାଗୁଛି କିମ୍ବା ଅଇ ଲାଗୁଛି ତେବେ ମଧ୍ୟ ଏହା ହାର୍ଟ ଆଟାକର ସଙ୍କେତ । ଏହି ସମସ୍ୟା ସବୁ ଦେଖାଦେଲେ ଇଗ୍ନୋର କରନ୍ତୁ ନାହିଁ ସାବଧାନ ହୋଇଯାଆନ୍ତୁ ।

ପେଟ ସମ୍ବନ୍ଧୀୟ ସମସ୍ୟା : ହୃଦ ସମ୍ବନ୍ଧୀୟ ରୋଗର ମୁଖ୍ୟ ସଙ୍କେତ ହେଉଛି ପାଚନ ସମ୍ବନ୍ଧୀୟ ସମସ୍ୟା ବଢ଼ିଯିବ । ଯଦି ଆପଣ ଖାଇସାରିବା ପରେ ବଦହଜମୀ ଭଳି ସମସ୍ୟା ଦେଖାଦେଉଛି ଏବଂ ଛାତିରେ ଅସହଜ ଅନୁଭବ କରୁଛନ୍ତି ତେବେ ଏହାକ ହୃଦରୋଗର ସଙ୍କେତ ଭାବେ ଗ୍ରହଣ କରାଯାଇପାରେ । ଏହି ସମସ୍ତ ସମସ୍ୟାକୁ ଅଣଦେଖା କରନ୍ତୁ ନାହିଁ ।

ଗୋଡ଼ ଫୁଲିବା : ରିପୋର୍ଟ ଅନୁସାରେ ହଠାତ୍ ପାଦ ଫୁଲିବା ହାର୍ଟ ସମସ୍ୟାର ସଙ୍କେତ । ଯେତେବେଳେ ହାର୍ଟ ଭଲ ଭାବରେ ଫଙ୍କସନ କରିପାରେ ନାହିଁ ସେତେବେଳେ ପାଦ ଫୁଲିଥାଏ ।

ଥକ୍କା ଅନୁଭବ କରିବା : ହୃଦୟ ସମସ୍ୟା ଦେଖାଦେଲେ ଶରୀରର କିଛି ଅଂଶକୁ ରକ୍ତ ପ୍ରବାହିତ ଠିକ ଭାବରେ ହୋଇପାରେ ନାହିଁ । ଯେଉଁଥିପାଇଁ ନିଶ୍ୱାସ ନେବାରେ କଷ୍ଟ ଅନୁଭବ ହୋଇଥାଏ । ଯଦି ଆପଣ କୌଣସି କାମ ନକରି ଥକ୍କା ଅନୁଭବ କରୁଛନ୍ତି ତେବେ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ ।

କିପରି ରକ୍ଷା ପାଇବେ : ହାର୍ଟ ସମ୍ବନ୍ଧୀୟ ସମସ୍ୟାରୁ ରକ୍ଷା ପାଇବା ପାଇଁ ଡାଏଟ ଉପରେ ଧ୍ୟାନ ଦିଅନ୍ତୁ । ସ୍ମୋକିଂ ଓ ଡ୍ରିଙ୍କିଂରୁ ଦୂରେଇ ରୁହନ୍ତୁ । କ୍ଷୀର ଚା ପିଅନ୍ତୁ ନାହିଁ, ସବୁଜ ପନିପରିବା ଖାଆନ୍ତୁ । ଗଜାବୁଟ ଓ ମୁଗ ଖାଆନ୍ତୁ ନିୟମିତ ବ୍ରିଦିଂ ଏକ୍ସରସାଇଜ କରନ୍ତୁ । ବ୍ରିକ୍ସ ୱାକ କରନ୍ତୁ । ପ୍ରଚୁର ପାଣି ପିଅନ୍ତୁ । ଫଳରସ ଓ ପଇଡ଼ ପାଣି ସେବନ କରନ୍ତୁ ।

ଆପଣ, ଆପଣଙ୍କ ହୃଦୟ କଥା ଚିନ୍ତା କଲେ ସେ ମଧ୍ୟ ଆପଣଙ୍କ କଥା ନିଶ୍ଚିନ୍ତ ଚିନ୍ତା କରିବ । ଧାଁ ଧଉଡ଼ ଜୀବନ, ତୀବ୍ର କର୍ମବ୍ୟସ୍ତତା, ସମୟ ନିଅଣ୍ଟ ପଡୁଛି, ଫୁରସତ୍ ହିଁ ମିଳୁନି ଏପରି ଭାବନା ସବୁ ଆଦୌ ରଖନ୍ତୁ ନାହିଁ । କାରଣ ହୃଦୟର ଜଟିଳତା କିଛି ସେକେଣ୍ଡ ଭିତରେ ଅନେକ କିଛି ଅଘଟଣ ବା ଦୁଃଖଦ ପରିସ୍ଥିତି ଭିତରକୁ ଠେଲି ଦେଇଥାଏ । ତେଣୁ ହୃଦୟକୁ ନେଇ ଆପଣଙ୍କର କୌଣସି ସାମାନ୍ୟତମ ସମସ୍ୟା ଦେଖାଦେଲେ ଆପଣ ତୁରନ୍ତ ହୃଦରୋଗ ବିଶେଷଜ୍ଞଙ୍କ ପରାମର୍ଶ ନେବା ଅତ୍ୟନ୍ତ ଜରୁରୀ । ଅନେକ କ୍ଷେତ୍ରରେ ଏହାକୁ ହୃଦରୋଗ ବା ହୃଦଜନିତ ସମସ୍ୟା ନଭାବି ମାମୁଲି ଭାବରେ ଅଣଦେଖା କେହି କେହି କରିଦେଇଥାନ୍ତି ଯାହାକି ପରବର୍ତ୍ତୀ ସମୟରେ ଅତ୍ୟନ୍ତ ବିପଦଜ୍ଜନକ ସାବ୍ୟସ୍ତ ହୋଇଥାଏ । ତେବେ ଏହି ସମସ୍ୟା ସମୟରେ ଦେଶୀୟ ଚିକିତ୍ସା ବା ଟୁଣୁକାଟୁଣୁକି ଚିକିତ୍ସାକୁ ଆଦୌ ଗ୍ରହଣ କରନ୍ତୁ ନାହିଁ । ଏକ ନିରୋଗ, ସୁସ୍ଥପ୍ରଦ ଜୀବନ ପାଇଁ ଆପଣ ଏକ ଭଲ ରୁଟିନଟି ତିଆରି କରନ୍ତୁ । ହୃଦୟର ସୁରକ୍ଷା ପାଇଁ ସେପରି କିଛି ବଡ଼ ବା ଜରୁରୀ ରୁଟିନ ଦରକାର ପଡ଼ିନଥାଏ । ନିର୍ଦ୍ଧାରିତ ସମୟରେ ଖାଦ୍ୟ ଗ୍ରହଣ କରନ୍ତୁ, ବିଶ୍ରାମ ନିଅନ୍ତୁ, ଖାଦ୍ୟ ତାଲିକାରେ ସୁଷମ ଖାଦ୍ୟ, ଆମିଷ ଖାଦ୍ୟ, ତଟକା ପନିପରିବା, ଫଳରସ, ଶାଗ ଏସବୁକୁ ରଖନ୍ତୁ ଆଉ ସମସ୍ତ ପ୍ରକାର ନିଶାଦ୍ରବ୍ୟ ଠାରୁ ନିଜକୁ ଦୂରେଇ ରଖନ୍ତୁ । ନିଜକୁ ସବୁବେଳେ ପ୍ରଫୁଲ୍ଲିତ ରଖିବା ସହ ସକରାତ୍ମକ ଚିନ୍ତାଧାରା ଭିତରେ ନିଜକୁ ଅତିବାହିତ କରନ୍ତୁ । ପରିବାରବର୍ଗ, ଆଖପାଖର ଆତ୍ମୀୟସ୍ୱଜନ, ଅଫିସର ବନ୍ଧୁ ପରିଜନ ଏମାନଙ୍କ ସହ ଏକ ଭଲ ଭାବନାର ଚିନ୍ତନ ରଖି ସମୟ ଅତିବାହିତ କରନ୍ତୁ । ଦେଖିବେ ହୃଦୟ ଆପଣଙ୍କୁ କେବେ ଅଧା ରାସ୍ତାରେ ହାତ ଛାଡ଼ିବ ନାହିଁ । ସେ ସବୁ ଦିନ ଆପଣଙ୍କ ହାତ ଧରି ନିଶ୍ଚିନ୍ତ ଚାଲୁଥିବ.... ।

*ସହଯୋଗୀ ପ୍ରଫେସର, ହୃଦ୍‌ରୋଗ ବିଭାଗ,*
*ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ,*
*କଟକ,*
*ଦୂରଭାଷ : ୯୪୩୭୨୭୭୮୬୪*




# ଆଜିର ଯୁବପୀଢ଼ି ଓ ବରିଷ୍ଠ ନାଗରିକ

ଭୁବନେଶ୍ୱର(ପିଏନ୍): ଭାରତବର୍ଷର ସ୍ୱପ୍ନ, ସମ୍ଭାବନା ଓ ଭବିଷ୍ୟତ ଦେଶର ଯୁବପିଢ଼ୀଙ୍କ ଉପରେ ନ୍ୟସ୍ତ। ତେବେ ନିକଟ ଭବିଷ୍ୟତରେ ଯୁବ ଶକ୍ତି ଆମ ଦେଶର ସବୁଠାରୁ ବଡ଼ ଶକ୍ତି, ସମ୍ବଳ ଓ ସଂପଦ ହେବାକୁ ଯାଉଛି। ଏ କଥା ବିଭିନ୍ନ ସର୍ବେକ୍ଷଣ ତଥା ପରିସଂଖ୍ୟାନରୁ ସ୍ପଷ୍ଟ ହୋଇଛି। ଏବେ ଆମ ଦେଶରେ ୫୦ ପ୍ରତିଶତଙ୍କ ବୟସ ୨୫ ବର୍ଷ ତଳେ। ଦଶରୁ ଚବିଶ ବର୍ଷ ବୟସ ଗୋଷ୍ଠୀରେ ଏବେ ଅଛନ୍ତି ୩୬୫ ନିୟୁତ ଭାରତୀୟ ଯୁବକ ଯୁବତୀ। ଭାରତୀୟ ଜନ ସଂଖ୍ୟାର ୬୫ ପ୍ରତିଶତଙ୍କ ବୟସ ୩୫ ବର୍ଷ ତଳେ। ଏକ ଆକଳନରୁ ଜଣାପଡ଼ିଛି ଯେ ୨୦୨୦ ମସିହା ଶେଷବେଳକୁ ଭାରତର ଯୁବକଯୁବତୀଙ୍କ ସଂଖ୍ୟା ପୃଥିବୀର ଯେକୌଣସି ଦେଶ ତୁଳନାରେ ସର୍ବାଧିକ ଥିଲା ଏବଂ ସେଇ ସମୟରେ ଭାରତୀୟମାନଙ୍କ ହାରାହାରି ବୟସ ହୋଇଥିଲା ୨୯। ଏହା ନିଶ୍ଚିତ ଭାବେ ଆଶା ଉଦ୍ରେକକାରୀ। କାରଣ ଯଦି ମାନବ ସମ୍ବଳର ଏକ ବୃହତ୍ ଭାଗ ଯୁବଗୋଷ୍ଠୀ ହେବେ, ତେବେ ସେ ଦେଶର ପ୍ରଗତିର ସେ ଦେଶର ପ୍ରଗତିର ବେଗ ଦ୍ରୁତ ହେବା ଅନିବାର୍ଯ୍ୟ। କିନ୍ତୁ ଏ ପରିପ୍ରେକ୍ଷୀରେ ଆଉ ଏକ ପରିସଂଖ୍ୟାନ ଏହା ବି ଜଣେଇ ଦେଉଛି ଯେ ଭବିଷ୍ୟତର ଯୁବ ଉନ୍ମାଦନା ପରିଚାଳିତ ଭାରତରେ ଏକ ଅଦୃଶ୍ୟ କ୍ଷତ ଭାରତୀୟ ସମାଜକୁ ଯନ୍ତ୍ରଣା ଜର୍ଜରିତ କରୁଥିବ, କିନ୍ତୁ ଅଦୃଶ୍ୟ ହୋଇଥିବା ହେତୁ ତାହା ବାହାରକୁ ଜଣାପଡୁ ନଥିବ। ସେ କ୍ଷତଟି ହେଲା ବରିଷ୍ଠ ନାଗରିକଙ୍କ ସଂଖ୍ୟା ବୃଦ୍ଧି ସହିତ ସେମାନଙ୍କ ଦୟନୀୟସ୍ଥିତି। ବିଭିନ୍ନ ପରିସଂଖ୍ୟାନରୁ ଜଣାପଡ଼ିଛି ଯେ ୬୦ ବର୍ଷ ବୟସରୁ ଅଧିକ ବୟସ ବର୍ଗର ଭାରତୀୟଙ୍କ ସଂଖ୍ୟା ଏବେ ୧୦୪ ନିୟୁତ। କିନ୍ତୁ ଉଦ୍‌ବେଗର କଥା ହେଲା ୨୦୦୬ରୁ ୨୦୫୦ ଭିତର ଅବଧିରେ ଭାରତୀୟ ଜନସଂଖ୍ୟାରେ ୪୦ ପ୍ରତିଶତ ବୃଦ୍ଧି ଦେଖାଦେବାର ସମ୍ଭାବନା ଥିବାବେଳେ ୬୦ବର୍ଷ ବୟସରୁ ଅଧିକ ବୟସ ବର୍ଗର ଲୋକମାନଙ୍କ ସଂଖ୍ୟାରେ କଳ୍ପନାନୀତ ଭାବେ ୨୭୦ ପ୍ରତିଶତ ବୃଦ୍ଧି ଘଟିଥିବ। ଜାତିସଂଘର ଜନସଂଖ୍ୟା ଡିଭିଜନ ସୂତ୍ରରୁ ପ୍ରକାଶ ଯେ ୨୦୫୦ ବେଳକୁ ଭାରତରେ ୮୦ ବର୍ଷରୁ ଅଧିକ ବୟସର ଲୋକଙ୍କ ସଂଖ୍ୟା ହୋଇଥିବ ୪୮ ନିୟୁତ ଏବଂ ୬୦ବର୍ଷ ବୟସରୁ ଅଧିକ ବୟସ ବର୍ଗର ଲୋକଙ୍କ ସଂଖ୍ୟା ହୋଇଥିବ ୩୨୪ ନିୟୁତ। ଏଇ ବୟସ ବର୍ଗର ଲୋକଙ୍କ ଭିତରୁ ଅସଂଖ୍ୟ ବେଶ୍ ସମର୍ଥ ହୋଇଥିବା ସତ୍ତ୍ୱେ କାର୍ଯ୍ୟରୁ ଅବସର ନେବାକୁ ବାଧ୍ୟ ହୋଇଥିବେ ଏବଂ ନିଜ ନିଜ ଘର ଭିତରକୁ ଅପସରି ଯାଇଥିବେ। ବିଭିନ୍ନ କାର୍ଯ୍ୟ କରିବାକୁ ଯୋଗ୍ୟ ହୋଇଥିବା ସତ୍ତ୍ୱେ ସେମାନେ ସୀମାନ୍ତରିତ ହୋଇଯାଇ ଥିବେ। ଜଣାଯାଇଛି ଯେ ଏବେ ଅବସର ନେଉଥିବା ଲୋକଙ୍କ ଭିତରେ ୯୨ ପ୍ରତିଶତ ପେନ୍‌ସନ ପାଆନ୍ତି ନାହିଁ ଏବଂ ୯୦ ପ୍ରତିଶତ ସ୍ୱାସ୍ଥ୍ୟ ସୁରକ୍ଷା ଯୋଜନା ଭିତରେ ଅନ୍ତର୍ଭୁକ୍ତ ନୁହନ୍ତି। ପୃଥିବୀଟା ଯୁବକମାନଙ୍କର ବୋଲି କୁହାଯାଏ। କାରଣ ଯୁବକମାନେ ହିଁ ଏ ଜଗତର ନାନା କାରବାର ଚଳାନ୍ତି। କିନ୍ତୁ କ୍ରମେ ଯେଉଁ ବିଡ଼ମ୍ବିତ ସମୟଟି ଆସିବାକୁ ଯାଉଛି ସେଥିରେ ଦେଖାଯିବ ଯେ ବରିଷ୍ଠ ନାଗରିକମାନେ ଶିକ୍ଷାଦୀକ୍ଷାର ପ୍ରଭାବରୁ, ଖାଦ୍ୟପେୟ ତଥା ଉନ୍ନତ ଚିକିତ୍ସା ସେବାର ପ୍ରସାଦରୁ ଅଧିକ ସକ୍ରିୟ ତଥା ଯୁବକସୁଲଭ ହୋଇପାରିଥିଲେ ମଧ୍ୟ ସେମାନେ ନିଃସଙ୍ଗ ଏବଂ କର୍ମହୀନ ଜୀବନ ଜିଇବାକୁ ବାଧ୍ୟ ହେବେ। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଆମ ସମୟର ବରିଷ୍ଠ ନାଗରିକଙ୍କ ଉନ୍ନତିକଳ୍ପେ ଅନେକ ଯୋଜନା ଓ ପ୍ରକଳ୍ପ ହାତକୁ ନେଇଛନ୍ତି। ବିଶେଷକରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବରିଷ୍ଠ ନାଗରିକଙ୍କ ଧନଜୀବନ ଓ ସ୍ୱାସ୍ଥ୍ୟ ସୁରକ୍ଷାକୁ ଲକ୍ଷ୍ୟ କରି ସ୍ୱତନ୍ତ୍ର ଭାବେ କିଛି କେନ୍ଦ୍ରୀୟ ଯୋଜନା ହାତକୁ ନେଇଛନ୍ତି ଯାହାକି ପରିଣତ ବୟସରେ ପହଞ୍ଚିଥିବା ଜଣେ ଲୋକଟି ପାଇଁ ଆଶା ସଞ୍ଜିବନୀ ସଦୃଶ। ଓଡ଼ିଶା ସରକାର ଆଉ ପାଦେ ଆଗକୁ ଯାଇ ବରିଷ୍ଠ ନାଗରିକଙ୍କ ସୁରକ୍ଷା ଓ ସମସ୍ତ ସହାୟତା ନିମିତ୍ତ ଅନେକ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ବିଶେଷକରି କଟକ-ଭୁବନେଶ୍ୱର ଦ୍ୱୈତ ନଗରୀରରେ ଏକାକୀ ରହୁଥିବା ବରିଷ୍ଠ ନାଗରିକମାନେ କିପରି ନିରାପଦରେ ଜୀବନ ନିର୍ବାହ କରିବେ ଓ ତାଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ଦେଖାଗଲେ ଓଡ଼ିଶା ପୋଲିସର ନିୟୋଜିତ କିଛି ସ୍ୱତନ୍ତ୍ରକର୍ମୀ ମାନେ ସେମାନଙ୍କ ଦାୟିତ୍ୱ ସୁରକ୍ଷା ନେବା ପାଇଁ ଗୃହବିଭାଗ ଏ ନେଇ କାର୍ଯ୍ୟ ଆରମ୍ଭ କରିସାରିଲାଣି। କେବଳ ସେତିକି ନୁହେଁ ବ୍ୟାଙ୍କରୁ ଟଙ୍କା ଉଠାଇବା ହେଉ ବା ନିଜ ଦେହପା ଜନିତ ସମସ୍ୟା ଡାକ୍ତରଙ୍କୁ ଦେଖାଇବା ଏସବୁ କାମ ପାଇଁ ନିକଟଅତୀତରେ ଓଡ଼ିଶା ସରକାରଙ୍କର 'ପୋଲିସ ପୁଅ' ଶୀର୍ଷକ କାର୍ଯ୍ୟକ୍ରମ ହାତକୁ ନେଇ ସମାଜର ଏହି ବର୍ଷିୟାନ ନାଗରିକଙ୍କ ସେବା ପାଇଁ ସମର୍ପିତ ହୋଇପାରିଛି। ସମାଜରେ ଯୁବପିଢ଼ୀମାନେ ପରିଣତ ବୟସରେ ପହଞ୍ଚିଥିବା ଏହି ଅଭିଜ୍ଞସମ୍ପନ୍ନ ଓ ଗରିମାମୟ ବ୍ୟକ୍ତିତ୍ୱଙ୍କର ଅନୁଭୂତିକୁ ନିଜ ଜୀବନରେ କାର୍ଯ୍ୟକାରୀ କରିପାରିଲେ ଏକ ସାମାଜିକ ଆନ୍ଦୋଳନ ସୃଷ୍ଟି ହୋଇପାରିବ।

# "ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ଼ସ"ର ଅଧିକାରୀ ପ୍ରଫେସର ଉଦୟନାଥ ସାହୁ



ନୂଆଦିଲ୍ଲୀ/ଭୁବନେଶ୍ୱର (ପିଏନ୍): ଜବାହାରଲାଲ ନେହେରୁ ବିଶ୍ୱବିଦ୍ୟାଳୟ ଭାରତୀୟ ଭାଷା କେନ୍ଦ୍ରରେ ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରତିଷ୍ଠା କରାଯାଇଥିବା ଓଡ଼ିଆ "ଆଦି ସାରଳା ଦାସ ଚେୟାର"ର ପ୍ରଫେସର ଉଦୟନାଥ ସାହୁଙ୍କ ଦ୍ୱାରା ଓଡ଼ିଆ, ବଙ୍ଗଳା ଓ ଆସମୀୟା ଭାଷାରେ ଲିଖିତ ମହାଭାରତ ଓ ଶ୍ରୀମଦ୍ ଭାଗବତର ତୁଳନାତ୍ମକ ଗବେଷଣାକୁ "ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ଼ସ"- ୨୦୨୨ରେ ସ୍ଥାନ ଦେଇଛନ୍ତି। ପ୍ରଥମ ଓଡ଼ିଆ ଗବେଷକ ଭାବେ ସେ ଏହି ଗୌରବର ଅଧିକାରୀ ହୋଇପାରିଛନ୍ତି। ସେପ୍ଟେମ୍ବର ୭ ତାରିଖରେ ମେଡାଲ ସହ ପ୍ରଶଂସାପତ୍ର ତାଙ୍କୁ ପ୍ରଦାନ କରାଯାଇଛି। ଅନ୍ୟ ଗବେଷକମାନଙ୍କ ପାଇଁ ସେ ପ୍ରେରଣାର ସ୍ରୋତ ହେବେ ନିଶ୍ଚୟ। ପ୍ରଫେସର ସାହୁ ସଂସ୍କୃତ ମହାଭାରତ ଓ ସାରଳା ମହାଭାରତକୁ ମଧ୍ୟ ତୁଳନାତ୍ମକ ଭାବେ ଗବେଷଣା କରି କଥା ଓ ଚରିତ୍ରର ସାମ୍ୟ ଓ ବୈଷମ୍ୟକୁ ପ୍ରଦର୍ଶନ କରିଛନ୍ତି। କେବଳ ସେତିକି ନୁହେଁ ଜାପାନର "ଓଟାନି" ବିଶ୍ୱବିଦ୍ୟାଳୟରେ ଭାଗବତ ଓ ମହାଭାରତର ମୂଳଧାରାକୁ ଶ୍ରେୟ କରି ପ୍ରାଚୀନ ଓଡ଼ିଆ ସାହିତ୍ୟରୁ ଭାରତୀୟ ସାହିତ୍ୟ ମଧ୍ୟ ଦେଇ ସାରଳା ମହାଭାରତରେ ତୁଳନାତ୍ମକ ଗବେଷଣା ତାଙ୍କୁ ସ୍ୱତନ୍ତ୍ର ପରିଚୟ ଦେଇପାରିଛି। ଆଧୁନିକ ସାହିତ୍ୟ, ମଧ୍ୟଯୁଗୀୟ ସାହିତ୍ୟ ତଥା ଫକୀରମୋହନ ସାହିତ୍ୟ ସମ୍ପର୍କରେ ଉଚିତ ଗବେଷଣାତ୍ମକ ପୁସ୍ତକଗୁଡ଼ିକ ଓଡ଼ିଆ ସାହିତ୍ୟର ଦିଗକୁ ସମୃଦ୍ଧ କରିବାରେ ସହାୟକ ହୋଇପାରିଛି।

ପୂର୍ବ-ଭାରତୀୟ ମହାଭାରତ ପରମ୍ପରା, ସାରଳା ମହାଭାରତ ସୃଷ୍ଟିର ଭୂମିପର୍ବ, ଭାଗବତ ପରମ୍ପରା ଓ ଭକ୍ତି ଆନ୍ଦୋଳନ, ସାରଳା ମହାଭାରତର ମନ୍ତ୍ରୀ ଓ ସେନାପତି, ଭାଗବତର ଭାବଭୂମି, ଭାଗବତର ସୃଷ୍ଟି ସୌରଭ, ପୂର୍ବ ଭାରତୀୟ ମହାଭାରତରେ ନୀତିଭକ୍ତି ଓ ଜାତୀୟ ସଂହତି, Reflection on the Great Indian Epic Mahabharat in Odisha, Begnal and Assam, ସ୍ୱର୍ଗାରୋହଣ ପର୍ବ ପ୍ରଭୃତି ଉଲ୍ଲେଖନୀୟ ଅବଦାନ ପାଇଁ ଦେଶବିଦେଶରେ ବେଶ ଚର୍ଚ୍ଚା ସହିତ ଓଡ଼ିଆ ମାଟି ପାଇଁ ଉଲ୍ଲେଖନୀୟ କୃତି। ଏତଦବ୍ୟତୀତ ଦୁଇଶହରୁ ଅଧିକ ଗବେଷଣାତ୍ମକ ସନ୍ଦର୍ଭ ରଚନା କରି ବେଶ୍ ପରିଚିତ ହୋଇପାରିଛନ୍ତି। ଅନେକ ସମ୍ମାନରେ ସମ୍ମାନିତ ଡ: ସାହୁ ନୟାଗଡ଼ ଜିଲ୍ଲାର ସାନକିଲୋ ଗ୍ରାମରେ ଜନ୍ମଗ୍ରହଣ କରି ମାତୃଭାଷା, ମାତୃଭୂମି ପାଇଁ ଗୌରବ ଆଣିପାରିଛନ୍ତି।

# ବିପଦରେ ସୋରେନ



ବହୁଚର୍ଚ୍ଚିତ ଲାଭଜନକ ପଦବୀ ମାମଲାରେ ୧୯୫୧ ଲୋକପ୍ରତିନିଧି ଆଇନ ଅନୁଯାୟୀ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କ ବିଧାନସଭା ସଭ୍ୟ ପଦ ରଦ୍ଦ ଲାଗି ନିର୍ବାଚନ କମିଶନ ରାଜ୍ୟପାଳଙ୍କୁ ସୁପାରିଶ କରିବା ପରେ ଝାଡଖଣ୍ଡ ସରକାରଙ୍କ ଭାଗ୍ୟ ଏବେ ସୂତାଖିଅରେ ଝୁଲୁଛି ବୋଲି କୁହାଯାଇପାରେ। ନିର୍ବାଚନ କମିଶନଙ୍କ ସୁପାରିଶ ସପ୍ତାହକ ପୂର୍ବରୁ ପହଁଚିଥିବା ସତ୍ତ୍ୱେ ବର୍ତମାନ ସୁଦ୍ଧା ରାଜ୍ୟପାଳ କୌଣସି ପଦକ୍ଷେପ ନେଇ ନଥିବା ବେଳେ ରାଜ୍ୟ ରାଜନୀତିରେ ଏବେ ଅନିଶ୍ଚିତତା ସୃଷ୍ଟି ହୋଇଗଲାଣି। ଉଲ୍ଲେଖଯୋଗ୍ୟ ଯେ, ଗତ ୨୦୨୧ରେ ମୁଖ୍ୟମନ୍ତ୍ରୀ ତଥା ଖଣିମନ୍ତ୍ରୀ ଭାବେ ନିଜ ନାମରେ ଏକ ଖଣି ଲିଜ୍ ନେଇଥିବାରୁ ନିର୍ବାଚନ କମିଶନ ତାଙ୍କୁ ଦୋଷୀ ସାବ୍ୟସ୍ତ କରି ବିଧାୟକ ପଦ ରଦ୍ଦ ଲାଗି ସୁପାରିଶ କରିଛନ୍ତି। ଏହା ଦ୍ୱାରା ରାଜ୍ୟ ପୁଣି ଥରେ ଅସ୍ଥିରତା ଆଡକୁ ଟାଣି ହୋଇଯାଇଛି। କହିବା ବାହୁଲ୍ୟ ଯେ, ୨୦୦୦ ମସିହାରେ ବିହାରଠାରୁ ପୃଥକ ହୋଇ ସ୍ୱତନ୍ତ୍ର ଝାଡଖଣ୍ଡ ରାଜ୍ୟ ଗଠିତ ହେବା ପରେ ବିଗତ ୨୨ବର୍ଷ ମଧ୍ୟରେ ରାଜନୈତିକ ଅସ୍ଥିରତା ଯୋଗୁଁ ୧୧ ଥର ସରକାର ପରିବର୍ତନ ଘଟିଥିବାବେଳେ ୩ଥର ରାଷ୍ଟ୍ରପତି ଶାସନ ଜାରି ହୋଇଛି। ଝାଡଖଣ୍ଡରେ ମୁଖ୍ୟ ବିରୋଧିଦଳ ବିଜେପି ମୁଖ୍ୟମନ୍ତ୍ରୀ ସୋରେନଙ୍କ ଇସ୍ତଫା ଦାବିରେ ଆନ୍ଦୋଳନାତ୍ମକ ପଦକ୍ଷେପ ଗ୍ରହଣ କରିଥିବାବେଳେ ଝାଡଖଣ୍ଡ ମୁକ୍ତିମୋର୍ଚ୍ଚା, କଂଗ୍ରେସ ଏବଂ ଆରଜେଡି ମେଂଟକୁ ଅକ୍ଷୁର୍ଣ୍ଣ ରଖିବା ଲାଗି ମୁଖ୍ୟମନ୍ତ୍ରୀ ସୋରେନ ସେମାନଙ୍କୁ ଛତିଶଗଡକୁ ନେଇ ଏକ ହୋଟେଲରେ ରଖିଥିଲେ। ଅବଶ୍ୟ ଆମ ଦେଶରେ ହୋଟେଲ ରାଜନୀତି ନୂଆ ନୁହେଁ। ଏହାର କାରଣ ହେଉଛି ଘୋଡା ବେପାରକୁ ରୋକିବା। କହିବା ବାହୁଲ୍ୟ ଯେ, ମେଂଟ ସରକାର ଏବେ ଅସ୍ଥିରତା ଆଡକୁ ଟାଣି ହୋଇଯାଇଛି। ଅବଶ୍ୟ ମୁଖ୍ୟମନ୍ତ୍ରୀ ସୋରେନ ବିଧାନସଭାରେ ଆସ୍ଥାଭୋଟରେ ଜୟଲାଭ କରିଛନ୍ତି। ଏହା ନିଶ୍ଚିତ ଯେ, ମୁଖ୍ୟମନ୍ତ୍ରୀ ସୋରେନ ନିଜ ପାଖରେ ଖଣି, ଭୂବିଜ୍ଞାନ ଏବଂ ପର୍ଯ୍ୟବେକ୍ଷଣ ସମ୍ବନ୍ଧୀୟ ବିଭାଗ ରଖିଥିବାବେଳେ କ୍ଷମତାର ଦୁରୁପଯୋଗ କରି ନିଜ ନାମରେ ଖଣି ଲିଜ୍ ନେଇଛନ୍ତି। ଏହା ଲୋକପ୍ରତିନିଧି ଆଇନର ଧାରା ୯(୧)ର ଉଲଂଘନ ଏବଂ ବେଆଇନ କାର୍ଯ୍ୟ ଏଥିରେ ସନ୍ଦେହ ନାହିଁ। ଏହା କହିବା ଯଥାର୍ଥ ଯେ, ଆମ ଦେଶରେ ଖଣି ବ୍ୟବସାୟ ଏକ ଲାଭଜନକ ବ୍ୟବସାୟରେ ପରିଣତ ହୋଇଛି। ଖଣି ପଟ୍ଟା ଆବଟଂନରେ କୋଟି କୋଟି ଟଙ୍କାର ଭିତିରି କାରବାର ହୋଇଥାଏ, ଯାହାକି ଦେଶରେ ୨୧୬ଟି କୋଇଲା ଖଣି ଆବଟଂନକୁ କିଛିବର୍ଷ ତଳେ ସୁପ୍ରିମକୋର୍ଟ ରଦ୍ଦ କରିବା ଘଟଣା ସ୍ପଷ୍ଟ କରିଛି। ଉଲ୍ଲେଖଯୋଗ୍ୟ ଯେ ଝାଡଖଣ୍ଡ ହେଉଛି ମୂଲ୍ୟବାନ ଖଣିଜ ଭଣ୍ଡାରର ରାଜ୍ୟ। ଦେଶର ୪୦ ପ୍ରତିଶତ ଖଣିଜ ପଦାର୍ଥ ଏବଂ ୩୦ ପ୍ରତିଶତ କୋଇଲା ମହଜୁଦ ରହିଛି। କିନ୍ତୁ ଏହି ଖଣିଜ ସମ୍ପଦରେ ଭରପୁର ରାଜ୍ୟର ବହୁ ସମୟରେ ଖଣି ଦୁର୍ନୀତିକୁ ନେଇ ଦୁର୍ନାମ ରହିଛି। ଯାହାକି ରାଜ୍ୟରେ ରାଜନୈତିକ ଅସ୍ଥିରତାର ମୁଖ୍ୟ କାରଣ ହୋଇଛି। ଅତୀତରେ ୨୦୦୬ରୁ ୨୦୦୮ ମସିହା ମଧ୍ୟରେ ରାଜ୍ୟରେ କୋଇଲା ବ୍ଲକ ଆବଟଂନରେ ବ୍ୟାପକ ଦୁର୍ନୀତି ମାମଲାରେ ୨୦୧୭ରେ ପୂର୍ବତନ ମୁଖ୍ୟମନ୍ତ୍ରୀ ମଧୁ କୋଡାଙ୍କୁ ସିବିଆଇ ଅଦାଲତ ଦୋଷୀ ସାବ୍ୟସ୍ତ କରିଥିଲା। ମଧୁ କୋଡା ୩୩୪ କୋଟି ଟଙ୍କା ଖଣି ଦୁର୍ନୀତିରେ ଲିପ୍ତ ଥିବା ସିବିଆଇ ତଦନ୍ତରୁ ଜଣାପଡିଥିଲା। ରାଜ୍ୟରେ ଖଣି ଦୁର୍ନୀତିର ମୂଳୋତ୍ପାଟନ ପାଇଁ ସୋରେନ ରାଜ୍ୟବାସୀଙ୍କୁ ନିର୍ବାଚନ ପ୍ରତିଶ୍ରୁତି ଦେଇ କ୍ଷମତାସୀନ ହୋଇଥିଲେ। କହିବା ବାହୁଲ୍ୟ ଯେ, ଝାଡଖଣ୍ଡ ବିଜେପିର ଏକ ଦୁର୍ଗ ଭାବେ ପରିଚିତ ଥିବାବେଳେ ବିଜେପିକୁ କ୍ଷମତାଚ୍ୟୁତ କରି ଜେଏମଏମ କ୍ଷମତା ହାତେଇଥିଲା। କେବଳ ଏତିକି ନୁହେଁ, ରାଜ୍ୟ ନାମରେ ରହିଥିବା ଖଣି ମାଫିଆ ଆଖ୍ୟାକୁ ସବୁଦିନ ପାଇଁ ବନ୍ଦ କରିବା, ଖଣି ଅଂଚଳରେ ଖଣିଜ ପଦାର୍ଥର ଚୋରାଚାଲାଣ ରୋକିବାକୁ ଖଣି ଅଂଚଳରେ କ୍ୟାମେରା ଲଗାଇବା ଏବଂ ଖଣି ସଂକ୍ରାନ୍ତୀୟ ଅଭିଯୋଗ ଗ୍ରହଣ ପାଇଁ ନିଃଶୁଳ୍କ ଟେଲିଫୋନ ନମ୍ବର ଜାରି ରଖିବା ପାଇଁ ଭୋଟଦାତାଙ୍କୁ ପ୍ରତିଶ୍ରୁତି ଦେଇଥିବା ସୋରେନ ଶେଷରେ ଖଣି ଦୁର୍ନୀତିରେ ଛନ୍ଦି ହୋଇଯାଇଛନ୍ତି। ଅବଶ୍ୟ ଖଣି ପଟା ଫେରାଇ ଦେଇଥିବା ସୋରେନ କହିଛନ୍ତି। ସେ ଖଣି ପଟା ଫେରାଇ ଦେବା ଯଦି ସତ୍ୟ ହୋଇଥାଏ, ସ୍ୱାଗତଯୋଗ୍ୟ। କିନ୍ତୁ ତାଙ୍କ ନାମରେ ଉଠିଥିବା କଳଙ୍କର ଅଧ୍ୟାୟ ତଥା ବେଆଇନ କାର୍ଯ୍ୟ ଆଇନ ଅନୁଯାୟୀ ଦଣ୍ଡନୀୟ ଅପରାଧ। ଲୋକପ୍ରତିନିଧି ଆଇନ ଅନୁଯାୟୀ ଲାଭଜନକ ପଦବୀ ମାମଲାରେ ସୋରେନ ଯଦି ଆଯୋଗ୍ୟ ଘୋଷିତ ହୁଅନ୍ତି, ତେବେ ସଭ୍ୟପଦ ହରାଇବା ନିଶ୍ଚିତ। କାରଣ ଆମ ଦେଶରେ ଲାଭଜନକ ପଦବୀ ମାମଲାରେ ସାଂସଦ ଓ ବିଧାୟକଙ୍କ ସଭ୍ୟପଦ ରଦ୍ଦ ହେବା ନୂଆକଥା ନୁହେଁ। ଅତୀତରେ ବହୁ ସାଂସଦ ଓ ବିଧାୟକଙ୍କ ସଭ୍ୟପଦ ରଦ୍ଦ ନେଇ ବହୁ ନଜିର ରହିଛି। ଏଥିରେ ତିଳେମାତ୍ର ସନ୍ଦେହ ନାହିଁ ଯେ, ସୋରେନ ମୁଖ୍ୟମନ୍ତ୍ରୀ ପଦ ପାଇଁ ବିପଦ ଟାଣି ଆଣିଛନ୍ତି। ତାଙ୍କ ବିରୁଦ୍ଧରେ ହୋଇଥିବା ଅଭିଯୋଗ ଉପରେ ତାଙ୍କ ଦଳ ଓ ସହଯୋଗୀମାନେ ମିଳିତ ନିଷ୍ପତି ନେବାର ଆବଶ୍ୟକତା ରହିଛି। କେବଳ ଏତିକି ନୁହେଁ, ତାଙ୍କର ଇସ୍ତଫା ମେଂଟ ସରକାରଙ୍କ ପାଇଁ ଏକ ଏସିଡ ଟେଷ୍ଟ, ଏଥିରେ କୌଣସି ସନ୍ଦେହ ନାହିଁ।

**ସୌଭାଗ୍ୟରଂଜନ ମହାନ୍ତି (ରାଜା), ସମ୍ମାନ ଭବନ, ପ୍ଲଟ ନଂ- ୫୮/୩୫୮୧, ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ,- ୭୫୧୦୦, ୨ମୋବାଇଲ ନଂ- ୯୪୩୭୯୯୪୩୭୯**

# ପ୍ରତାପନଗରୀ ଦୁର୍ଗାପୂଜା ପାଇଁ ମାଟି ଅନୁକୂଳ

ଫୁଲନଖରା (ପିଏନ୍)-ସିଏମସି ୫୮ନମ୍ବର ୱାର୍ଡ଼ ପ୍ରତାପନଗରୀ ଦୁର୍ଗା ପୂଜା କମିଟିର ଦଶହରା ଉତ୍ସବ ନିମନ୍ତେ ମାଟି ଅନୁକୂଳ ଅନୁଷ୍ଠିତ ହୋଇଥିଲା। କର୍ତ୍ତା ପ୍ରକାଶ ସ୍ୱାଇଁ ଓ ମରୁତ ସ୍ୱାଇଁଙ୍କ ସମେତ ପୂଜକ ଧିରେନ୍ଦ୍ର ପାଢ଼ୀ, ରବିନାରାୟଣ ଦାଶ, କୃଷ୍ଣଚନ୍ଦ୍ର ପାଢ଼ୀ ଓ ଶୁଭ୍ରଜିତ ମହାପାତ୍ରଙ୍କ ନେତୃତ୍ୱରେ କମିଟି ସଦସ୍ୟମାନେ ନିକଟସ୍ଥ କୁଆଖାଇ ନଦୀରୁ ପୂଜାର୍ଚ୍ଚନା ପୂର୍ବକ ମାଟି ଅନୁକୂଳ କରିଥିଲେ। ପରେପରେ ଘଣ୍ଟ, ବାଦ୍ୟ ଓ ସଂକୀର୍ତ୍ତନ ଶୋଭାଯାତ୍ରା ସହକାରେ ଏହି ଅନୁକୂଳ ମାଟି ୧୬ନମ୍ବର ଜାତୀୟ ରାଜପଥ ପାର୍ଶ୍ୱ ମା'ଦୁର୍ଗାଙ୍କ ପୂଜା ମଣ୍ଡପ ନିକଟରେ ପହଞ୍ଚିଥିଲା। ପ୍ରମୋଦ ସ୍ୱାଇଁ, ବାଦଲ ଜେନା, ନାରାୟଣ ରାଉତ, ଅରୁଣ ରାଉତ, ରୋହିତ ସ୍ୱାଇଁ, ରଂଜିତ ସ୍ୱାଇଁ (କୁନୁ), ମାଧବ ଜେନା ଓ ବିକ୍ରମ ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲାବେଳେ ସୋମନାଥ ଜେନା, ଦୁଷ୍ମନ୍ତ ଜେନା, ବିଶ୍ୱଜିତ ଜେନା, ସଚିନ ରାଉତ, ଦିଲୀପ ରାଉତ, ସିବୁ ସ୍ୱାଇଁ, ବିକାଶ ବେହେରା, ଲକି ଜେନା, ନରେନ୍ଦ୍ର ରାଉତ, ସୁମନ ଜେନା ଓ ବର୍ଣ୍ଣି ଜେନା ପ୍ରମୁଖ ସଦସ୍ୟଗଣ ସହଯୋଗ କରିଥିଲେ।

# ଚାରିଜଣ ଖୋ-ଖୋ ଖେଳାଳିଙ୍କୁ ସମ୍ବର୍ଦ୍ଧନା

ବାଲେଶ୍ୱର (ପିଏନ୍)-ମହାରାଷ୍ଟ୍ର ପୁନେରେ ଅନୁଷ୍ଠିତ ଜାତୀୟ ସ୍ତରର ଖୋ-ଖୋ ଟୁର୍ଣ୍ଣାମେଣ୍ଟ 'ଅଲଟିମେଟ୍' ଖୋ-ଖୋ- ସିଜନ-୧ରେ ଚମ୍ପିଆନ ହୋଇଥିବା ଓଡ଼ିଶା ଦଳରେ ସାମିଲ ହୋଇଥିବା ବାଲେଶ୍ୱରର ୪ଜଣ ଖେଳାଳୀଙ୍କୁ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଧେ ସମ୍ବର୍ଦ୍ଧିତ କରିଛନ୍ତି। ଏହି କୃତି ଖେଳାଳୀ ମାନେ ହେଲେ ଜଗନ୍ନାଥ ମୁର୍ମୁ, ସିଦ୍ଦେଶ୍ୱର ଟୁଡୁ, ସୁକାନ୍ତ ସିଂ, ଲିପୁନ ମୁଖୀ, କୋଚ ମଳୟ ରଞ୍ଜନ ବେହେରାଙ୍କ ସହ ଏହି ଖେଳାଳୀ ମାନେ ବାଲେଶ୍ୱର ରେଳଷ୍ଟେସନରେ ପହଞ୍ଚିବା ପରେ ଜିଲ୍ଲା କ୍ରୀଡ଼ା ସଂଘର କର୍ମକର୍ତ୍ତା ମାନେ ସେମାନଙ୍କୁ ସ୍ୱାଗତ କରିଥିଲେ। ପରେ କୋଚ ଶ୍ରୀ ବେହେରାଙ୍କୁ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଧେ ସମ୍ବର୍ଦ୍ଧିତ କରିଥିଲେ। ଓଡ଼ିଶା ପାଇଁ ଗୌରବ ଆଣିଥିବା ଏହି ଖେଳାଳୀଙ୍କୁ ଜିଲ୍ଲାପାଳ ଉତ୍ସାହିତ କରିବା ସହ ସେମାନଙ୍କ ଉତରୋତ୍ତର ଉନ୍ନତି କାମନା କରିଥିଲେ। ଏହି ସମ୍ବର୍ଦ୍ଧନା ଉତ୍ସବରେ କ୍ରୀଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନାଙ୍କ ସମେତ ଜିଲ୍ଲା କ୍ରୀଡ଼ା ସଂଘର ସାଧାରଣ ସଂପାଦକ ଅଭୟ ମହାପାତ୍ର, ସହ-ସାଧାରଣ ସଂପାଦକ ପଦ୍ମଲୋଚନ ଲେଙ୍କା, କାର୍ତ୍ତିକ ଚନ୍ଦ୍ର ନାୟକ ଓ ଜଗଦୀଶ ବେହେରା, ସାଦ୍ଦିକ ଅଲ୍ଲି, ପ୍ରଦୀପ କୁମାର ଦାସ ଏବଂ ବିଭିନ୍ନ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

# ବନ୍ୟପ୍ରାଣୀ ସୁରକ୍ଷାର ଅଭିନବ ଉପାୟ

ଭୁବନେଶ୍ୱର (ପିଏନ୍): ବନ୍ୟପ୍ରାଣୀଙ୍କୁ ଶିକାରୀମାନଙ୍କ ଲୋଲୁପ ଦୃଷ୍ଟିରୁ ରକ୍ଷାକରିବା ସକାଶେ ଏବେ ବୈଜ୍ଞାନିକମାନେ ଏକ ଅଭିନବ ଉପାୟ ଚିନ୍ତା କରିଛନ୍ତି। ଏହାଦ୍ୱାରା ଆଉ ଶିକାରୀମାନେ ବିରଳ ବନ୍ୟପ୍ରାଣୀଙ୍କୁ ହତ୍ୟା କରିବେ ନାହିଁ କି ସେମାନଙ୍କ ବଂଶ ଲୋପ ପାଇବ ନାହିଁ ବୋଲି ଆଶା କରାଯାଉଛି। ଏଥିନେଇ ଦକ୍ଷିଣ ଆଫ୍ରିକାର ଏକ କମ୍ପାନୀ ଯେଉଁ ଉପାୟଟି ଚିନ୍ତା କରିଛି ତାହା ହେଲା ବୈଜ୍ଞାନିକ ପଦ୍ଧତିରେ ହାତୀ, ଗଣ୍ଡା ଏବଂ ଅନ୍ୟାନ୍ୟ ପଶୁପକ୍ଷୀମାନଙ୍କ ଶରୀରର କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗ ସୃଷ୍ଟି। ବିଜ୍ଞାନାଗାରରେ ଏହି ସବୁ ଅଙ୍ଗପ୍ରତ୍ୟଙ୍ଗ ଏପରି ଭାବେ ପ୍ରସ୍ତୁତ କରାଯିବ ଯେ ତାହା ଲୋକମାନଙ୍କ ଚାହିଦା ପୂରଣ କରିପାରିବ ଓ ଜଙ୍ଗଲରେ ପଶୁପକ୍ଷୀମାନେ ନିର୍ଭୟରେ ବସବାସ କରିପାରିବେ। ଯେଉଁ କମ୍ପାନୀ ଏଭଳି ଅଭିନବ କାର୍ଯ୍ୟରେ ହାତ ଦେଇଛି ତା'ର ନାମ ପେମ୍ବିଏଣ୍ଟ। ପରୀକ୍ଷାମୂଳକ ଭାବେ ପେମ୍ବିଏଣ୍ଟକମ୍ପାନୀ ଏବେ ଗଣ୍ଡାର ଶିଙ୍ଗ ପ୍ରସ୍ତୁତି କାର୍ଯ୍ୟରେ ଲାଗିପଡ଼ିଛି। ଏ ଦିଗରେ ଏହାକୁ ସଫଳତା ବି ମିଳିସାରିଛି। ତେବେ ଏଥିରେ କିଛି ପରିବର୍ତ୍ତନ ଘଟାଇବା ଓ ଏହା ଯେପରି ଆନ୍ତର୍ଜାତୀୟ ବଜାରରେ ପର୍ଯ୍ୟାପ୍ତ ମାତ୍ରାରେ ଉଲବ୍ଧ ହୋଇପାରିବ ସେଥିପାଇଁ ଅଧିକରୁ ଅଧିକ ଶିଙ୍ଗ ଉତ୍ପାଦନ ପାଇଁ କମ୍ପାନୀ ଉଦ୍ୟମ ଚଳାଇଛି ବୋଲି କହିଛନ୍ତି ପେମ୍ବିଏଣ୍ଟର ସିଇଓ ମାଥ୍ୟୁ ମୁର୍କୁସ୍। ହାତୀଦାନ୍ତଠାରୁ ଆରମ୍ଭ କରି ଗଣ୍ଡାଙ୍କ ଶିଙ୍ଗ ପର୍ଯ୍ୟନ୍ତ ବନ୍ୟପ୍ରାଣୀଙ୍କ ଶରୀରର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗର ଚାହିଦା ବିଶ୍ୱ ବଜାରରେ ଢ଼େର ବେଶୀ। ଏହାର କାରଣ ଯାହା ହୋଇଥାଉ ନା କାହିଁକି ବିଭିନ୍ନ ବନ୍ୟପ୍ରାଣୀଙ୍କ ଚମଡ଼ା, ଦାନ୍ତ, ଶିଙ୍ଗ, ଲୋମ, ପିତ୍ତ ଏବଂ ଅନ୍ୟାନ୍ୟ ଅଙ୍ଗକୁ ସୌଖିନ ଓ ରାଇସ୍ ଲୋକମାନେ ଲକ୍ଷ ଲକ୍ଷ ଡଲାର ଦେଇ କିଣିଥା'ନ୍ତି। ଯେମିତିକି ଗଣ୍ଡାର ଶିଙ୍ଗର ମୂଲ୍ୟ ଆନ୍ତର୍ଜାତୀୟ ଚୋରା ବଜାରରେ ଆକାଶଛୁଆଁ। ଏହାର ପ୍ରତି କିଲୋ ପିଛା ଦାମ ପ୍ରାୟ ୬୦,୦୦୦ ଡଲାର। ସେଇଭଳି ହାତୀଦାନ୍ତର କିଲୋପିଛା ମୂଲ୍ୟ ପ୍ରାୟ ୨୧୦୦୦ ଡଲାର। ବାଘଛାଲ ଓ ଦାନ୍ତ, ମୃଗଚର୍ମ ଓ ଶିଙ୍ଗ, ଭାଲୁର ଲୋମ, ଚର୍ମ ଓ ପିତ୍ତ, କୁମ୍ଭୀର ଚମଡ଼ାର ଚୋରା ବଜାରର ଅଦୃଶ୍ୟ ଜାଲ ପୃଥିବୀସାରା ବିଛେଇ ହୋଇ ରହିଛି। ବିଶେଷକରି ଆଫ୍ରିକା ମହାଦେଶର ବିଭିନ୍ନ ରାଷ୍ଟ୍ରରୁ ଏବଂ ଏସୀୟ ଦେଶମାନଙ୍କରୁ ଏସବୁ ଦ୍ରବ୍ୟ ଚାଲାଣ କରି ଚୋରା ବେପାରୀମାନେ କୋଟି କୋଟି ଡଲାର ଉପାର୍ଜନ କରିଥା'ନ୍ତି। ଏହାର କ୍ରେତା ଦୁଇ ପ୍ରକାରର। ପ୍ରଥମତଃ କିଛି କ୍ରେତା ପ୍ରାଚୁର୍ଯ୍ୟ ବଳରେ ଏସବୁ ଦ୍ରବ୍ୟ କିଣି ନିଜ ପାଖରେ ରଖିବାକୁ ପସନ୍ଦ କରିଥା'ନ୍ତି। ଏହାବ୍ୟତୀତ ଦ୍ୱିତୀୟ ଶ୍ରେଣୀର କ୍ରେତା ବନ୍ୟପଶୁପକ୍ଷୀଙ୍କ ଶରୀରର ଅଙ୍ଗକୁ ବ୍ୟବହାର କରି ପାରମ୍ପରିକ ଔଷଧ ପ୍ରସ୍ତୁତ କରିଥା'ନ୍ତି। ପୁଣି କେହି କେହି ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ଏସବୁ ଦ୍ରବ୍ୟ କିଣି ପାଖରେ ରଖିଥା'ନ୍ତି। ତେବେ ସେ ଯାହା ହେଉନା କାହିଁକି, ଏଥିପାଇଁ ଅବାଧ ଶିକାର ଏତେ ମାତ୍ରାରେ ବୃଦ୍ଧି ପାଇଛି ଯେ ହାତୀ, ବାଘ, ସିଂହ, ଭଲ୍ଲୁକ ବିଭିନ୍ନ ପ୍ରଜାତିର ମୃଗ, ଗଣ୍ଡା ଅନେକ ଧରଣର ପକ୍ଷୀ ବିଲୁପ୍ତ ହୋଇଗଲେଣି ଅଥବା ବିଲୁପ୍ତିର ମହାମାର୍ଗରେ ଏବେ ଅଗ୍ରସର ହେଉଛନ୍ତି। କୌଣସି ଦେଶ ଶିକାରୀମାନଙ୍କ ଅବାଧ ବନ୍ୟପ୍ରାଣୀ ଶିକାରକୁ ରୋକିପାରିନାହାନ୍ତି। ଏଭଳି ବନ୍ୟପ୍ରାଣୀଙ୍କ ଅଙ୍ଗପ୍ରତ୍ୟଙ୍ଗ କିଣିବା ତାଲିକାରେ ବିଶ୍ୱରେ ସର୍ବାଗ୍ରେ ରହିଛି ଚୀନ। ଚୀନରେ ପାରମ୍ପରିକ ଔଷଧ ପ୍ରସ୍ତୁତିରେ ଅଧିକାଂଶ ପଶୁଙ୍କ ଶରୀରର ଅଙ୍ଗ ଉପଯୋଗ କରାଯାଇଥାଏ। ଏବେ ସିନ୍ଥେଟିକ୍ ଅଙ୍ଗ ପ୍ରସ୍ତୁତି ପ୍ରସଙ୍ଗକୁ ଆସିବା। ପେମ୍ବିଏଣ୍ଟ କମ୍ପାନୀର ଏଭଳି ଉଦ୍ୟମକୁ କିନ୍ତୁ ବିଶ୍ୱ ବନ୍ୟପ୍ରାଣୀ ସଂରକ୍ଷଣ ସଂସ୍ଥାଠାରୁ ଆରମ୍ଭ କରି ପର୍ଯ୍ୟାବରଣବିତ ଓ ପ୍ରାଣୀପ୍ରେମୀମାନେ ବିରୋଧ କରିଛନ୍ତି। ସେମାନଙ୍କ ମତରେ ଏଭଳି ନକଲି ଅଙ୍ଗପ୍ରତ୍ୟଙ୍ଗ ବଜାରରେ ଉପଲବ୍ଧ ହେଲେ ସୁଦ୍ଧା ଅସଲି ଦ୍ରବ୍ୟର ଚାହିଦା କମିବ ନାହିଁ। ତେଣୁ ଚୋରାଶିକାର ପୂର୍ବବତ୍ ଜାରି ରହିବ। ବରଂ ତାହା ବୃଦ୍ଧିପାଇବ ବୋଲି ସେମାନେ ଆଶଙ୍କା ପ୍ରକଟ କରନ୍ତି। ତେଣୁ ସେମାନେ ପେମ୍ବିଏଣ୍ଟ କମ୍ପାନୀର ଏଭଳି ପ୍ରୟାସକୁ ଘୋର ବିରୋଧ କରିଛନ୍ତି। ସେମାନେ ଏହାର ଏକ ଉଦାହରଣ ଦେଇ କହିଛନ୍ତି ଯେ ଗତ ଦଶବର୍ଷ ଭିତରେ ବିଶ୍ୱରେ ଗଣ୍ଡା ଶିକାର ଉଦ୍‌ବେଗଜନକ ଭାବେ ବୃଦ୍ଧି ପାଇଛି। ୨୦୦୭ ମସିହାରେ ଦକ୍ଷିଣ ଆଫ୍ରିକାରେ ମାତ୍ର ୧୩ଟି ଗଣ୍ଡାଙ୍କୁ ମରାଯାଇଥିବାବେଳେ ୨୦୧୫ରେ ୧୧୭୫ଟି ଗଣ୍ଡା ଚୋରା ଶିକାରୀଙ୍କ ଦ୍ୱାରା ନିହତ ହୋଇଛନ୍ତି। ତେଣୁ ଏଭଳି ବିକଳ୍ପ ଉପାୟ ବନ୍ୟପ୍ରାଣୀଙ୍କ ସୁରକ୍ଷା ଦିଗରେ ବିଶେଷ ସହାୟକ ହେବନାହିଁ ବୋଲି ସେମାନେ ଦୃଢ଼ ଯୁକ୍ତି ବାଢ଼ନ୍ତି। କିନ୍ତୁ ବଜାରରେ ଯେ ଖୁବ୍‌ଶୀଘ୍ର ସିନ୍ଥେଟିକ ହାତୀଦାନ୍ତ ଓ ଗଣ୍ଡା ଶିଙ୍ଗ ମିଳିବ ତାହା ସମସ୍ତଙ୍କ ପାଇଁ ଏବେ ଖୁସି ଖବର ପାଲଟିଛି।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ
ଖେଳ ପର୍ଯ୍ୟବେକ୍ଷକ
ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ
Bhubaneswar Thursday May 22 ଭୁବନେଶ୍ୱର ଗୁରୁବାର, ୨୨, ୨୦୨୫ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com


# ଅଚ୍ୟୁତ ସାମନ୍ତଙ୍କ ନାମରେ ନାମିତ ହେଲା ଆମେରିକାର ଗବେଷଣା ପ୍ରତିଷ୍ଠାନ




ଭୁବନେଶ୍ୱର,(ପି.ଏନ): ଆମେରିକାର ନ୍ୟୁୟର୍କସ୍ଥିତ ସିଟି ୟୁନିଭରସିଟିରେ ଶିକ୍ଷାବିତ ଓ ସମାଜସେବୀ ଅଚ୍ୟୁତ ସାମନ୍ତଙ୍କ ନାମରେ ଏକ ଗବେଷଣା ପ୍ରତିଷ୍ଠାନ ନାମିତ କରାଯାଇଛି। ପ୍ରତିଷ୍ଠାନର ନାମ ରହିଛି 'ଅଚ୍ୟୁତ ସାମନ୍ତ ଇଣ୍ଡିଆ ଇନିସିଏଟିଭ୍ କ୍ୟୁନି କ୍ରେଷ୍ଟ ଇନଷ୍ଟିଚ୍ୟୁଟ' (ଏଏସଆଇ ଆଇସିସିଆଇ)। ନ୍ୟୁୟର୍କସ୍ଥିତ ସିଟି ୟୁନିଭରସିଟି ଅଫ୍ ନ୍ୟୁୟର୍କରେ ମଙ୍ଗଳବାର ଆମେରିକାର ବହୁ ଶିକ୍ଷାବିତ୍ ଏବଂ ଅନ୍ୟାନ୍ୟ ବିଶିଷ୍ଟ ବ୍ୟକ୍ତିଙ୍କ ଉପସ୍ଥିତିରେ ଏହି ଗବେଷଣା ପ୍ରତିଷ୍ଠାନ ଉଦ୍‌ଘାଟିତ ହୋଇଯାଇଛି। କୌଣସି ଭାରତୀୟଙ୍କ ନାମରେ ଆମେରିକାରେ ଏଭଳି ଗବେଷଣା ପ୍ରତିଷ୍ଠାନ ନାମିତ ହେବା ଏହା ହେଉଛି ପ୍ରଥମ। ଏହି ପ୍ରତିଷ୍ଠାନ ଆମେରିକୀୟ ଛାତ୍ରଛାତ୍ରୀଙ୍କୁ ଓଡ଼ିଶାର ସମୃଦ୍ଧ କଳା ଏବଂ ଐତିହ୍ୟ ଉପରେ ଗବେଷଣା କରିବାର ସୁଯୋଗ ପ୍ରଦାନ କରିବା ସହ ଜନଜାତି ସଂପ୍ରଦାୟର ସାମାଜିକ-ଆର୍ଥିକ ବିକାଶରେ ଅଚ୍ୟୁତ ସାମନ୍ତଙ୍କ ଯୋଗଦାନ ଏବଂ ଶିକ୍ଷା କ୍ଷେତ୍ରରେ ତାଙ୍କର ସଫଳତା ବିଷୟରେ ମଧ୍ୟ ଗବେଷଣା କରାଯିବ। ସୂଚନାଯୋଗ୍ୟ, କିଛି ଦିନ ପୂର୍ବରୁ ସିଟି ୟୁନିଭରସିଟି ଅଫ୍ ନ୍ୟୁୟର୍କ ଅଧୀନରେ ଥିବା ବ୍ରୋଙ୍କସ୍ କମ୍ୟୁନିଟି କଲେଜର ଅଧ୍ୟକ୍ଷ ଡ. ମିଲଟନ୍ ସାଣ୍ଟିଆଗୋ କିଟ୍ ଓ କିସ୍ ପରିଦର୍ଶନରେ ଆସିଥିଲେ। ଏଠାରେ ସେ ଅଚ୍ୟୁତ ସାମନ୍ତଙ୍କ କାର୍ଯ୍ୟଧାରା ଓ ଜୀବନଶୈଳୀ ବିଷୟରେ ଜାଣିବାକୁ ପାଇଥିଲେ। ଶ୍ରୀ ସାମନ୍ତଙ୍କ କାର୍ଯ୍ୟଧାରା ତାଙ୍କୁ ବେଶ ପ୍ରଭାବିତ କରିଥିଲା। ଭାରତରୁ ଫେରିବା ପରେ ସେ ଅଚ୍ୟୁତ ସାମନ୍ତଙ୍କ ନାମାନୁସାରେ ତାଙ୍କ ବିଶ୍ୱବିଦ୍ୟାଳୟରେ ଏକ ଗବେଷଣା ପ୍ରତିଷ୍ଠାନ ଇଝଓଓଉଉଓ ନାମରେ ନାମିତ କରିବା ପାଇଁ ନିଷ୍ପତି ନେଇଥିଲେ। ପରେ ସାଣ୍ଟିଆଗୋଙ୍କ ଏହି ପ୍ରସ୍ତାବ ବିଶ୍ୱବିଦ୍ୟାଳୟ ବୋର୍ଡ ଦ୍ୱାରା ଏହା ଗୃହୀତ ହୋଇଥିଲା। ଏହି ନୂତନ ଗବେଷଣା ପ୍ରତିଷ୍ଠାନ ଉଦଘାଟନୀ କାର୍ଯ୍ୟକ୍ରମରେ ଅଚ୍ୟୁତ ସାମନ୍ତଙ୍କୁ ଯୋଗ ଦେବା ପାଇଁ ସାଣ୍ଟିଆଗୋ ନିମନ୍ତ୍ରଣ କରିଥିଲେ। ସାଣ୍ଟିଆଗୋଙ୍କ ନିମନ୍ତ୍ରଣ କ୍ରମେ ଶ୍ରୀ ସାମନ୍ତ ଉଦଘାଟନୀ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଉଦଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନଙ୍କୁ ଉଦ୍‌ବୋଧନ ଦେଇ ଡ. ସାଣ୍ଟିଆଗୋ କହିଲେ, ଏହି ପ୍ରତିଷ୍ଠାନ ଆମେରିକାର ଛାତ୍ରଛାତ୍ରୀଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ହେବ। ଏହା ବିଭିନ୍ନ ପୃଷ୍ଠଭୂମିର ଛାତ୍ରଛାତ୍ରୀମାନଙ୍କୁ ଅର୍ଥପୂର୍ଣ୍ଣ ଗବେଷଣା କରିବାରେ ସହାୟକ ହେବ। ଆମେରିକାର ସିଟି ୟୁନିଭରସିଟି ଅଫ୍ ନ୍ୟୁୟର୍କ (ଉଟଘଣ) ଏକ ସରକାରୀ ପ୍ରତିଷ୍ଠାନ। ଏହା ଆମେରିକାର ୧୭୫ବର୍ଷର ଏକ ପୁରାତନ ଶିକ୍ଷାନୁଷ୍ଠାନ। ଏଠାରେ ପ୍ରାୟ ୩ ଲକ୍ଷରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ଏହି ବିଶ୍ୱବିଦ୍ୟାଳୟ ଅଧିନରେ ୨୫ଟି ମହାବିଦ୍ୟାଳୟ ରହିଥିବା ବେଳେ ସିଟି ୟୁନିଭରସିଟି ୧୨୨ଟି ଦେଶର ବିବିଧ ଛାତ୍ର ସଙ୍ଗଠନକୁ ସେବା ପ୍ରଦାନ କରୁଛି। ଏହି ଅବସରରେ ଶ୍ରୀ ସାମନ୍ତ ସିଟି ୟୁନିଭରସିଟି ଅଫ୍ ନ୍ୟୁୟର୍କ କର୍ତ୍ତୃପକ୍ଷଙ୍କୁ ନିଜର କୃତଜ୍ଞତା ଜଣାଇବା ସହ କହିଲେ, ଆମେରିକା ବିଶ୍ୱବିଦ୍ୟାଳୟ ତାଙ୍କର ଗବେଷଣା ପ୍ରତିଷ୍ଠାନକୁ ଜଣେ ଭାରତୀୟ ବିଶେଷ କରି ଜଣେ ଓଡ଼ିଆ ବ୍ୟକ୍ତିଙ୍କ ନାମ ଅନୁସାରେ ନାମିତ କରିଛି- ଏହା ଏକ ଅତ୍ୟନ୍ତ ସମ୍ମାନଜନକ ମୁହୂର୍ତ୍ତ। ଏହା ଯେକୌଣସି ଭାରତୀୟ, ବିଶେଷକରି ଓଡ଼ିଶା ତଥା କିଟ୍ ଓ କିସ୍ ପାଇଁ ମଧ୍ୟ ଏକ ଗର୍ବର ବିଷୟ। ଏହି ପ୍ରତିଷ୍ଠାନ ଓଡ଼ିଶାର କଳା, ସାହିତ୍ୟ, ସଂସ୍କୃତି ଏବଂ ମୋ କାର୍ଯ୍ୟଧାରା ବିଷୟରେ ଅଧିକ ଗବେଷଣା ଏବଂ ବୁଝାମଣାକୁ ଉତ୍ସାହିତ କରିବ ବୋଲି ସେ କହିଥିଲେ। ଏହାସହ ଶ୍ରୀ ସାମନ୍ତ ଏହି ସଫଳତାକୁ ଓଡ଼ିଶାର ଜନସାଧାରଣ ତଥା କିଟ୍ ଓ କିସ୍ ପରିବାରକୁ ଉତ୍ସର୍ଗ କରିଥିଲେ। ଏହି ଅବସରରେ ଶ୍ରୀ ସାମନ୍ତଙ୍କୁ ସିଟି ୟୁନିଭରସିଟି ଅଫ୍ ନ୍ୟୁୟର୍କର ସର୍ବୋଚ୍ଚ ସମ୍ମାନ ପ୍ରେସିଡେନ୍‌ସିଆଲ୍ ମେଡ଼ାଲ୍ ପ୍ରଦାନ କରାଯାଇଥିଲା। ଶିକ୍ଷା ଓ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ସକାଶେ ଶ୍ରୀ ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି।

# ଓଜେୟୁ ପାରାଦୀପ ଶାଖାର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ



ପାରାଦୀପ,(ପି.ଏନ): ଓଡିଶା ସାମ୍ବାଦିକ ସଙ୍ଘ (ଓଜେୟୁ) ପାରାଦୀପ ଶାଖାର କାର୍ଯ୍ୟକାରିଣୀ ବୈଠକ ନୂଆବଜାର ସ୍ଥିତ ସଙ୍ଘ କାର୍ଯ୍ୟାଳୟ ଠାରେ ଶନିବାର ଦିନ ଅନୁଷ୍ଠିତ ହୋଇଯାଇଛି କ୍ଷ ଓଜେୟୁ ପାରାଦୀପ ଶାଖାର ସଭାପତି କର୍ମେଶ୍ୱର ସ୍ୱାଇଁ ଙ୍କ ସଭାପତିତ୍ୱ ରେ ଆୟୋଜିତ ଏହି ବୈଠକରେ ମୁଖ୍ୟ ଅତିଥି ଭାବେ ଓଜେୟୁ ରାଜ୍ୟ ସଭାପତି ଶଶି ଭୂଷଣ ପ୍ରହରାଜ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ରାଜ୍ୟ ସାଧାରଣ ସମ୍ପାଦକ ଦୁର୍ଯ୍ୟୋଧନ ମହାରଣା, ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ସୁରେନ୍ଦ୍ର କୁମାର ବିଶ୍ୱାଳ ଯୋଗ ଦେଇଥଲେ। ସାମ୍ବାଦିକ ମାନଙ୍କର ବୃତ୍ତିଗତ, ଅର୍ଥନୈତିକ, ପାରିବାରିକ, ସାମାଜିକ ଆଦି ବିଭିନ୍ନ ସମସ୍ୟା ଗୁଡିକର ସମାଧାନ ପାଇଁ ଆଲୋଚ଼ନା କରିବା ସହ ସମସ୍ତ ସାମ୍ବାଦିକ ଏକଜୁଟ ହୋଇ ସରକାରଙ୍କ ନିକଟରର ଦାବି ହାସଲ କରିବା ସମ୍ପର୍କରେ ମୁଖ୍ୟ ଅତିଥି ଶ୍ରୀଯୁକ୍ତ ପ୍ରହରାଜ ଆଲୋଚ଼ନା କରିଥିଲେ। ପାରାଦୀପ ସଙ୍ଗଠନକୁ କିଭଳି ସୁଦୃଢ କରାଯିବ, ଆଗକୁ ପାରାଦୀପ ୟୁନିଟ୍ର ର ସମସ୍ତ ସାମ୍ବାଦିକ ଭାଇ ମାନଙ୍କର କିଭଳି ସହଯୋଗ ଜାରି ରହିବ ସେ ସମ୍ପର୍କରେ ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମ କୁ ସାମ୍ବାଦିକ ଆଲୋକ ଚ଼ନ୍ଦ୍ର ମହାପାତ୍ର ପରିଚ଼ାଳନା କରିଥିବା ବେଳେ ସମୀର କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।ଶେଷରେ ଓଜେୟୁ ପାରାଦୀପ ଶାଖାର ନୂତନ କର୍ମକର୍ତ୍ତା ଙ୍କ ନାମ ଘୋଷଣା କରାଯାଇଥିଲା। ସଭାପତି ଭାବେ କର୍ମେଶ୍ୱର ସ୍ୱାଇଁ, କାର୍ଯ୍ୟକାରୀ ସଭାପତି ଆଲୋକ ମହାପାତ୍ର, ଉପସଭାପତି ପ୍ରଶାନ୍ତ ଦାସ, ସାଧାରଣ ସମ୍ପାଦକ ସମୀର କୁମାର ମହାନ୍ତି, ସହ-ସମ୍ପାଦକ ସନ୍ତୋଷ କୁମାର ବେହେରା, ଯୁଗ୍ମ ସମ୍ପାଦକ ଜିତେନ୍ଦ୍ର ସାହୁ, କୋଷାଧ୍ୟକ୍ଷ ଗୋବିନ୍ଦ ନାଥ, ସେହିପରି ଉପଦେଷ୍ଟା ମଣ୍ଡଳୀ ରେ ଅଜିତ କୁମାର ଦାସ, ଚ଼ିତ୍ତ ରଞ୍ଜନ ସ୍ୱାଇଁ, ବସନ୍ତ କୁମାର ସାହୁ, ବଟକୃଷ୍ଣ ଦାସ, ସୁଶୀଲ କୁମାର ପଟ୍ଟନାୟକ ସ୍ଥାନ ପାଇଥିବା ବେଳେ କାର୍ଯ୍ୟକାରୀ କମିଟିରେ ଦେବଦତ୍ତ ସାମନ୍ତରାୟ, ନିରଞ୍ଜନ ଆଚ଼ାର୍ଯ୍ୟ, ପୁରୁଷୋତ୍ତମ ଶତପଥୀ, ତ୍ରିଲୋଚ଼ନ ସ୍ୱାଇଁ ଓ ପ୍ରଭାତ କୁମାର ମହାପାତ୍ର ଏବଂ ଆଇନି ଉପଦେଷ୍ଟା ଭାବେ ଅରୁଣ କୁମାର ସ୍ୱାଇଁ ଙ୍କ ନାମ ସ୍ଥାନ ପାଇଛି।




# ଆଳି ପୋଲିସର ନିଷ୍କ୍ରୀୟତା ବିରୋଧରେ ଏସପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା



କେନ୍ଦ୍ରାପଡ଼ା,(ପି.ଏ) : ଜୀବନରୁ ମାରିଦେବା ପାଇଁ ହୋଇଥିବା ଷଡ଼ଯନ୍ତ୍ର ଏବଂ ବାରମ୍ବାର ଆକ୍ରମଣ ଘଟଣାରେ ଆଳି ପୋଲିସର ନିଷ୍କ୍ରିୟତା ବିରୁଦ୍ଧରେ ବୁଧବାର ଅନିର୍ଦ୍ଦିଷ୍ଟ କାଳ ପାଇଁ କେନ୍ଦ୍ରାପଡା ଏସ.ପି ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ ସାମ୍ବାଦିକ ଦୁଷ୍ମନ୍ତ ଆଚାର୍ଯ୍ୟ। ଶ୍ରୀ ଆଚାର୍ଯ୍ୟଙ୍କ ଉପରେ ହୋଇଥିବା ଆକ୍ରମଣ ଏବଂ ଜୀବନରୁ ମାରିଦେବାକୁ ହୋଇଥିବା ଷଡଯନ୍ତ୍ରରେ ଆଳି ବିଜେପି ପ୍ରାର୍ଥୀ କୃଷ୍ଣଚନ୍ଦ୍ର ପଣ୍ଡାଙ୍କ ହାତ ଥିବା ନେଇ ଲିଖିତ ଭାବେ କେନ୍ଦ୍ରାପଡା ଏସ.ପିଙ୍କୁ ଲିଖିତ ଭାବେ ଶ୍ରୀ ଆଚାର୍ଯ୍ୟ ପୂର୍ବରୁ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗ ଉପରେ କୌଣସି ପଦକ୍ଷେପ ଗ୍ରହଣ କରାନଯିବାରୁ ସେ ଧାରଣା ଦେଇଥରବା କହିଛନ୍ତି। ଅଭିଯୋଗ ଅନୁଯାୟୀ ଆଳି ପୋଲିସକୁ ଦୁଷ୍ମନ୍ତ ପ୍ରଦାନ କରିଥିବା ସମସ୍ତ ପ୍ରମାଣ ଗୁଡ଼ିକୁ ଆଧାର କରି ସଠିକ୍ ଦଫା ଲଗାଇବା, ନିରପେକ୍ଷ ଓ ସଠିକ୍ ତଦନ୍ତ କରି ଦୋଷୀ ମାନଙ୍କ ବିରୋଧରେ ତୁରନ୍ତ ଆଇନଗତ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା, ସାମ୍ବାଦିକ ଦୁଷ୍ମନ୍ତଙ୍କୁ ଜୀବନରୁ ମାରିବା ପାଇଁ ହୋଇଥିବା ଷଡଯନ୍ତ୍ରରେ ଆଳି ବିଜେପି ବିଧାୟକ ପ୍ରାର୍ଥୀ ଶ୍ରୀ ପଣ୍ଡାଙ୍କ ଭୂମିକା ଥିବାରୁ ଦୁଷ୍ମନ୍ତ ଦାଖଲ କରିଥିବା ପ୍ରମାଣ ଅନୁଯାୟୀ ଶ୍ରୀ ପଣ୍ଡାଙ୍କୁ ତଦନ୍ତ ପରିସରଭୁକ୍ତ କରାଯିବା, ଦୁଷ୍ମନ୍ତଙ୍କ ନାମରେ ହୋଇଥିବା ମିଛ ମାମଲା ଗୁଡ଼ିକର ନିରପେକ୍ଷ ତଦନ୍ତ କରାଯିବା,ଦୁଷ୍ମନ୍ତ ଓ ତାଙ୍କ ପରିବାର ପରିଜନଙ୍କ ଜୀବନ ପ୍ରତି ବିପଦ ଥିବାରୁ ତାଙ୍କ ପରିବାରକୁ ଆଇନଗତ ସୁରକ୍ଷା ପ୍ରଦାନ କରାଯିବା, ଦୁଷ୍ମନ୍ତଙ୍କୁ ଫୋନ୍ ମାଧ୍ୟମରେ ଧମକ ଦେଇଥିବା ସମସ୍ତଙ୍କୁ ପକ୍ଷଭୁକ୍ତ କରିବା, ଦୁଷ୍ମନ୍ତଙ୍କ ହତ୍ୟା ଷଡଯନ୍ତ୍ରକରୀଙ୍କୁ ଅଭିଯୁକ୍ତ ଭାବେ ଅଭିଯୋଗରେ ଯୋଡିବା, ଆଳି ଥାନାର ଯେଉଁ ଅଧିକାରୀ ମାନେ ଆଇନର ରକ୍ଷକ ହୋଇ ମଧ କାର୍ଯ୍ୟରେ ଅବହେଳା ପୂର୍ବକ ଦୁଷ୍ମନ୍ତଙ୍କ ଜୀବନକୁ ବିପଦରେ ପକାଇ ତାଙ୍କୁ ମାନସିକ ଯନ୍ତ୍ରଣା ଦେବା ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଆଦି ଆଠ ଦଫା ଦାବିକୁ ନେଇ ଦୁଷ୍ମନ୍ତ ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣାରେ ବସିଥିଲେ। ଆଜିର ଧାରଣାରେ ଦୁଷ୍ମନ୍ତ ଆଚାର୍ଯ୍ୟଙ୍କୁ ଏସ.ପି ଏବଂ ଅତିରିକ୍ତ ଏସ.ପି ବୁଝାସୁଝା କରିବା ସହିତ ଆଳି ବିଜେପି ବିଧାୟକ ପ୍ରାର୍ଥୀ କୃଷ୍ଣଚନ୍ଦ୍ର ପଣ୍ଡାଙ୍କୁ ଡକାଇ ପୁଙ୍ଖାନୁପୁଙ୍ଖ ଭାବେ ସମସ୍ତ ଅଭିଯୋଗ ଏବଂ ଦାବି ସମ୍ବନ୍ଧରେ ଆଲୋଚୋନା କରିଥିଲେ। ଦୁଷ୍ମନ୍ତଙ୍କ ଦାବି ମୁତାବକ ତାଙ୍କୁ ହତ୍ୟା କରିବାକୁ ଷଡ଼ଯନ୍ତ୍ର କରି ଥିବା ଆଳି କଳସପୁର ଗ୍ରାମର ସମ୍ବିତ ନାୟକ ଓ ମହୁ ଗ୍ରାମର ଦେବପ୍ରସାଦ ନନ୍ଦ ଓରଫ ବାପୁଜୀ ଦୁଇଜଣଙ୍କ ସମେତ ଆହୁରି ଚାରିଜଣ ନରେନ୍ଦ୍ରପୁର ପାଖରେ ଜଗିଥିବା ନେଇ କେନ୍ଦ୍ରାପଡା ଏସ.ପି ଏବଂ ଅତିରିକ୍ତ ଏସ.ପିଙ୍କ ସମ୍ମୁଖରେ ଶ୍ରୀ ପଣ୍ଡା ସ୍ୱୀକାର କରିଥିଲେ।

# ସ୍ଥଗିତ ରହିଲା ତ୍ରି-ସ୍ତରୀୟ ପଞ୍ଚାୟତ ଉପନିର୍ବାଚ଼ନ



ଭୁବନେଶ୍ୱର,୨୧।୫(ପି.ଏନ): ସ୍ଥଗିତ ରହିଲା ତ୍ରି-ସ୍ତରୀୟ ପଞ୍ଚାୟତ ଉପ ନିର୍ବାଚ଼ନ । ଜୁନ ୨୩ରେ ହେବାକୁ ଥିବା ପଞ୍ଚାୟତ ଉପନିର୍ବାଚ଼ନ ସ୍ଥଗିତ ରଖାଯାଇଛି । ରାଜ୍ୟ ନିର୍ବାଚ଼ନ ଆୟୋଗଙ୍କ ପ୍ରେସମିଟରେ ଏହି ସୂଚ଼ନା ଦିଆଯାଇଛି । ସଅଳ ମୌସୁମୀ ଆସୁଥିବାରୁ ବର୍ଷା ଆଶଂକାରେ ଉପନିର୍ବାଚ଼ନକୁ ସ୍ଥଗିତ ରଖାଯାଇଛି ।ମୋଟ ୧୧୩୧ଟି ପଦବୀ ପାଇଁ ଭୋଟିଂ ହୋଇଥାନ୍ତା । ଜିଲ୍ଲା ଅଧିକାରୀ ଓ ଆଶାୟୀ ପ୍ରାର୍ଥୀମାନେ ବର୍ଷା ଋତୁ ପାଇଁ ନିର୍ବାଚ଼ନ ସ୍ଥଗିତ ରଖିବାକୁ ପ୍ରସ୍ତାବ ଦେଇଥିଲେ । ପରବର୍ତ୍ତୀ ତାରିଖ ସମୟ ଦେଖି ଘୋଷଣା କରାଯିବ ବୋଲି ରାଜ୍ୟ ନିର୍ବାଚ଼ନ କମିଶନ ପକ୍ଷରୁ ସୂଚ଼ନା ଦିଆଯାଇଛି ।

# ଜୁଲାଇ ୧୫ରୁ ଆରମ୍ଭ ହେବ ଯୁକ୍ତ ୩ ପ୍ରଥମ ବର୍ଷ ପାଠପଢ଼ା



ନନ୍ଦିଘୋଷ ବ୍ୟୁରୋ: ଜୁଲାଇ ୧୫ରୁ ଆରମ୍ଭ ହେବ ଯୁକ୍ତ ୩ ପ୍ରଥମ ବର୍ଷ ପାଠପଢ଼ା । ଦଶହରା ପୂର୍ବରୁ ସରିବ କ୍ୟାମ୍ପସ ନିର୍ବାଚ଼ନ । ସେଥିପାଇଁ ଆରମ୍ଭ ହୋଇଛି ଆଗୁଆ ଆବେଦନ। ଗତକାଲି ସୁଦ୍ଧା ୯୮ ହଜାର ଛାତ୍ର ଛାତ୍ରୀ କରିଛନ୍ତି ଆବେଦନ । ଏପ୍ରିଲ ୧୬ ତାରିଖରୁ ଆରମ୍ଭ ହୋଇଥିଲା ଯୁକ୍ତ ୩ ଆବେଦନ । ବିଜ୍ଞପ୍ତିରେ ସ୍ପଷ୍ଟ ହୋଇଥିଲା ଯେ ପର୍ଯ୍ୟନ୍ତ ଯୁକ୍ତ ୨ ରେଜଲ୍ଟ ବାହାରିନାହିଁ ସେ ପର୍ଯ୍ୟନ୍ତ ଆବେଦନ ପ୍ରକ୍ରିୟା ଚ଼ାଲିବ । ପ୍ରଥମ ଥର ପାଇଁ ରେଜଲ୍ଟ ବାହାରିବା ପୂର୍ବରୁ ଆବେଦନ ପ୍ରକ୍ରିୟା ଆରମ୍ଭ କରାଯାଇଛି । କାରଣ ଗତବର୍ଷ ଆଡମିସନ ପ୍ରକ୍ରିୟା ଶେଷ କରିବାକୁ ଡିସେମ୍ବର ହୋଇଯାଇଥିଲା । ତେଣୁ ଏଥର ଶୀଘ୍ର ନାମଲେଖା କରି ଜୁନରେ ସିଟ୍ ଆଲୋକେସନ ସହ ଜୁଲାଇ ୧୫ରୁ କ୍ଲାସ ଆରମ୍ଭ ହେବ। ତେଣୁ ଏଥର ଶୀଘ୍ର ଆବେଦନ ପ୍ରକ୍ରିୟା ଆରମ୍ଭ କରାଯାଇଥିଲା । ଯେଉଁଥିରେ କୌଣସି ଅସ୍ୱାଭାବିକତା ନାହିଁ। କଲେଜ ଇଲେକ୍ସନ ପାଇଁ ଚ଼ିନ୍ତା କରୁଛି ଉଚ୍ଚ଼ଶିକ୍ଷା ବିଭାଗ । ଏଣୁ ସଠିକ୍ ସମୟରେ ସବୁ ଶେଷ କରିବାକୁ ହେଲେ ପ୍ରକ୍ରିୟାକୁ ତ୍ୱରିତ କରିବାକୁ ହେବ । ଯେଉଁମାନେ ଜାଣିନାହାନ୍ତି ପ୍ରକ୍ରିୟା ସେଇମାନେ ଅଯଥା ଦୋଷ ଲଦୁଥିବା କହିଛନ୍ତି ଉଚ୍ଚ଼ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ।

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray